# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA



ଅହଂକୁ ଠାଏ

କଙ୍କାଳର ମନ କଥା

ବାମ ଦଳ: ଚିହ୍ନ ଅଛି, ଚଉକି ନାହିଁ

ଉମରକୋଟରେ ବଢୁଛି ନିତ୍ୟାନନ୍ଦଙ୍କ କ୍ରେଜ

ବଙ୍ଗ ଫଳ ଓ ଓଡ଼ିଶା ରାଜନୀତି

ରାଜଯୋଗ


ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-24 04 MAY - 10 MAY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୨୪ ୦୪ ମେ - ୧୦ ମେ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର









# 'କଙ୍କାଳ'ର ମନ କଥା

୧୮୬୬ ମସିହା। ପୁରସ୍ତମକୁ ଚାଲିଲା କଙ୍କାଳସାର ମଣିଷର ପଟୁଆର। ବଡ଼ଦାଣ୍ଡରେ ମଲେ କୁଆଡ଼େ ମୋକ୍ଷ ମିଳେ। ଦେହରେ ବଳ ନଥିଲେବି ସମସ୍ତେ ପୁରୀ ମୁହାଁ। ଦୁର୍ଭିକ୍ଷ ପାଇଁ ଦାନାଟିଏ ନଥିବାରୁ ପତ୍ର ଖାଇ ବଞ୍ଚିବାକୁ ଚେଷ୍ଟା କରୁଥିଲା ଓଡ଼ିଆ। କଇଁଆ, ଚାକୁଣ୍ଡା, ବାଉଁଶ ପତ୍ର ବି ରହିଲାନି। ଛତ୍ରଖିଆ ହେବାକୁ ସ୍ୱାଭିମାନୀ ଓଡ଼ିଆ ଚାହିଁଲାନି। ଶେଷରେ ଅଧା ଓଡ଼ିଶା କଙ୍କାଳ ମୟ ହୋଇଗଲା। ଘର ଦୁଆର ମୁହଁରେ କଙ୍କାଳ ସାର ମଣିଷ। ଗାଁ ମଶାଣି ରାସ୍ତାରେ କଙ୍କାଳର ପାହାଡ଼। କୁଢ଼ କୁଢ଼ ଓଡ଼ିଆଙ୍କ କଙ୍କାଳ ଦେଖି ଶିହରି ଉଠିଥିଲା ବ୍ରିଟିଶ୍ ସରକାର। ଚେଇଁ ଉଠିଥିଲେ ତତ୍କାଳୀନ ଉତ୍କଳର ଶିକ୍ଷିତ, ବୁଦ୍ଧିଜୀବୀ ଗୋଷ୍ଠୀ। ତା'ପରେ ଓଡ଼ିଆ ଜାତି ନୂଆ ମୋଡ଼ ନେଇଥିଲା। ସେହି କଙ୍କାଳ ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବାଟ ଫିଟାଇଥିଲା।

ଏହାର ୧୬୦ ବର୍ଷ ପରେ କଙ୍କାଳ ଉଠିଛି, ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଓ ଖଣିସମୃଦ୍ଧ ଅଞ୍ଚଳ କେନ୍ଦୁଝରରୁ। ଏ କଙ୍କାଳ କାହିଁକି ଉଠିଲା, ଏଥିପାଇଁ କିଏ ଦାୟୀ, ତାହାକୁ ନେଇ ଚାଲିଛି ରାଜନୀତିକ କାଦୁଅଫିଙ୍ଗା। ସେପଟେ କିଏ ପ୍ରଶାସନକୁ ତ କିଏ ବ୍ୟାଙ୍କକୁ, କିଏ ସରକାରଙ୍କୁ ତ ଆଉ କେହି ସ୍ମାର୍ଟ ଲୋକ ବିଚାରା ଜିତୁ ମୁଣ୍ଡାର ହାଣ୍ଡିଆକୁ ଦାୟୀ କରୁଛନ୍ତି। ହେଲେ ଆମେ କହିବୁ ଯାହାହୋଇଛି ଭଲ ହିଁ ହୋଇଛି। ଏଇ କଙ୍କାଳ ଆମ ବ୍ୟବସ୍ଥାର ଗୁମର ଖୋଲିଛି, ପ୍ରଶାସନର ଆଖି ଖୋଲିଦେଇଛି। ଜିତୁଙ୍କୁ ବ୍ୟାଙ୍କରୁ ଟଙ୍କା ମିଳିଛି, ତାଙ୍କ ଗାଁରେ ନୂଆ ନଳକୂଅ ବସିଛି। ଆଜିକାଲି ଯେଉଁଠି ଚର୍ଚ୍ଚା, ସେଇଠି ହିଁ ସରକାରଙ୍କ ଫୋକସ। ତେଣୁ ସବୁ ଗାଁରେ ସମସ୍ୟାକୁ ନେଇ କଙ୍କାଳ ଜାଗି ଉଠୁ। ସମାଧି ଭିତରେ ବାଲିରେ ରୁନ୍ଧି ହୋଇଥିବା ମଡ଼ା କେବଳ କଙ୍କାଳ ନୁହଁ, ସବୁଦେଖି ନୀରବ ରହୁଥିବା, ନିର୍ଯାତନା ସହି ଚୁପ୍ ରହୁଥିବା ଜୀଅନ୍ତା ମଣିଷବି କଙ୍କାଳଠୁ କମ୍ ନୁହଁନ୍ତି। ଜଡ଼ ଅବସ୍ଥାରେ ଥିବା ସାଧାରଣ ମଣିଷ ସ୍ୱର ଉଠାଉ। ସରକାର, ପ୍ରଶାସନ, ବୁଦ୍ଧିଜୀବୀ, ରାଜନେତା ସମସ୍ତଙ୍କୁ ଚେତାଇଦେଉ। ଯେତେବେଳେ ହଜାର ହଜାର କଙ୍କାଳ କଥା କହିବା ଆରମ୍ଭ କରିଦେବେ, ସେତେବେଳେ ଦେଖିବେ ବ୍ୟବସ୍ଥା ପୂରା ସୁଧୁରିଯିବ।

# ନନ୍ଦିନୀଙ୍କୁ ଘେରିଥିଲେ ବିଜୁ-ମହତାବ-ଆରଏନ

ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥିଙ୍କୁ ଗାଦିରୁ ହଟାଇବା ପାଇଁ ଏକଦା ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଭଳି ବଡ଼ ନେତାମାନେ ଏକାଠି ହେବାକୁ ବାଧ୍ୟ ହୋଇଥିଲେ। ଅତୀତର ସବୁ ତିକ୍ତତାକୁ ଭୁଲି ଏହି ତିନି ନେତା ପ୍ରଗତି ଦଳ ଗଠନ କରିଥିଲେ। ଏହି ତିନି ନେତାଙ୍କୁ ଏକାଠି କରିବା ପଛରେ ନନ୍ଦିନୀଙ୍କର ହିଁ ପରୋକ୍ଷ ହାତ ରହିଥିଲା। କାହିଁକିନା ନନ୍ଦିନୀ ଜଣେ ଟାଣୁଆ ନେତ୍ରୀ ହୋଇଥିଲେବି ତାଙ୍କ ଭିତରେ ପ୍ରତିହିଂସା ଭରପୂର ହୋଇ ରହିଥିଲା। କଟକ ଉପନିର୍ବାଚନରେ ସେ ଜିତିବା ପରେ ହରେକୃଷ୍ଣ ମହତାବଙ୍କୁ ବି କଂଗ୍ରେସରୁ ବିଦା କରିଦେଇଥିଲେ। ଏହା ପରଠାରୁ ନନ୍ଦିନୀଙ୍କୁ ହଟାଇବା ପାଇଁ ଗୋଟିଚାଳନା ଆରମ୍ଭ କରିଥିଲେ ମହତାବ। ପ୍ରଗତି ଦଳର ନେତାମାନେ ନନ୍ଦିନୀଙ୍କ ମନ୍ତ୍ରୀମଣ୍ଡଳରେ ଅସ୍ଥିରତା ସୃଷ୍ଟି କରି ବିଭାଜନ କରିବାରେ ସଫଳ ହୋଇଥିଲେ। ସେମାନଙ୍କ ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନନ୍ଦିନୀଙ୍କ ମନ୍ତ୍ରୀମଣ୍ଡଳରେ ଥିବା ନୀଳମଣି ରାଉତରାୟ ହାତ ମିଳାଇଥିଲେ। ନୀଳମଣିଙ୍କ ନେତୃତ୍ୱରେ ୨୧ ବିଧାୟକ ନନ୍ଦିନୀଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିବାରୁ ସରକାର ଭାଙ୍ଗି ଯାଇଥିଲା।



ପ୍ରଗତି ଦଳ ଓ ନୀଳମଣିଙ୍କ ଚାଲ୍ ସଂକ୍ରାନ୍ତରେ ନନ୍ଦିନୀ ଟେର ବି ପାଇନଥିଲେ। ଶେଷରେ ବାଧ୍ୟହୋଇ ସେ ଇସ୍ତଫା ଦେଇଥିଲେ। କିନ୍ତୁ ନନ୍ଦିନୀକୁ ହଟାଇ ଶାସନଗାଦି ସମ୍ଭାଳିବାକୁ ବିଜୁବାବୁ ଯେଉଁ ଉଦ୍ୟମ କରିଥିଲେ ସେଥିରେ ସଫଳ ହୋଇନଥିଲେ। ବିଜୁବାବୁ ୭୧ ବିଧାୟକଙ୍କ ସମର୍ଥନ ରହିଛି ବୋଲି ରାଜ୍ୟପାଳ ବିଡ଼ି ଯତିଙ୍କୁ ଅବଗତ କରାଇଥିଲେ। ତେଣୁ ବିଜୁଙ୍କୁ ସରକାର ଗଢ଼ିବାକୁ ରାଜ୍ୟପାଳ ଆମନ୍ତ୍ରଣ କରିପାରନ୍ତି ବୋଲି ସମସ୍ତେ ଅନୁମାନ କରୁଥିଲେ। କିନ୍ତୁ ରାଜ୍ୟପାଳ ସେମିତି କରିନଥିଲେ। ବଟଂ ରାଜ୍ୟରେ କେହିବି ସରକାର ଗଢ଼ିବାକୁ ସମର୍ଥ ନୁହଁନ୍ତି। ଅଣକଂଗ୍ରେସ ସରକାର ଗଠନ କରାଗଲେ ତାହା ଦୀର୍ଘସ୍ଥାୟୀ ହେବନାହିଁ ବୋଲି ସେ କେନ୍ଦ୍ରକୁ ରିପୋର୍ଟ ଦେଇଥିଲେ। ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବାକୁ ରାଜ୍ୟପାଳ ସୁପାରିଶ୍ କରିବା ପରେ ୧୯୭୩ ମସିହା ମାର୍ଚ୍ଚ ୩ରେ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ରାଜ୍ୟପାଳ ଡକ୍ଟର ଯତି ନିରପେକ୍ଷ ଭାବେ କାର୍ଯ୍ୟନକରି କଂଗ୍ରେସ ନେତାଙ୍କ ଭଳି କାର୍ଯ୍ୟ କରିଥିବାରୁ ତାଙ୍କୁ ବହୁତ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା।

## ବାବା ଅବ୍ଜର୍ଭାନନ୍ଦ

ଦୁଇ ବର୍ଷ ତଳେ ଭାଇ ଯାଇଥିଲେ
ଏବେ ଭଉଣୀଙ୍କ ପାଳି,
ଗେରୁଆ ନିଆଁରେ ପଶ୍ଚିମ ବଙ୍ଗର
ଘାସ ଫୁଲ ଗଲା ଜଳି ।

ପଡିଶାଙ୍କୁ ଏବେ ଡବଲ ଇଞ୍ଜିନ
ସ୍ପିଡରେ ନେବ ଭିଡ଼ି,
ଦୁଇ ବର୍ଷ ହେଲା ଓଡ଼ିଶା ଆମର
ଯେମିତି ଯାଉଛି ଗଡ଼ି ।

ବିଜେଡି କଂଗ୍ରେସ ଏଠି କରିବେନି
ରାଜନୀତି ଆଉ ଶସ୍ତା,
ଅଭାବ ସମୟେ ଆସିବ ଏଥର
ଗଦା ଗଦା ଆଳୁ ବସ୍ତା ।

ଅସୁବିଧା ନାହିଁ ଯଦି ବଦଳିଲା
ଆମ ରସଗୋଲା ନାମ,
ଦୀଘା ମନ୍ଦିରକୁ ଏବେ କହି ହେବ
ଜଗନ୍ନାଥଙ୍କର ଧାମ ।

ଫେରିବାଲା ଏବେ ଆଉ ଖାଇବେନି
ଗାଁ ସହରରେ ମାଡ଼,
ସୀମା ବିବାଦ ତ ଆଉ ରହିବନି
ଉଠିଯିବ ସବୁ ବାଡ଼ ।

ନଦେଖିଲା ଲୋକ ଦେଖ
କଇଁଛ କାଢ଼ିଛି ବେକ,
ବଙ୍ଗ ହେଉଛି କି କଳିଙ୍ଗ ହେଉଛି
ରାଇଜ ନମ୍ବର ଏକ ।



ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।



# ଅହଂକୁ ଠାଏ

**ଜନତା ହିଁ ଜନାର୍ଦ୍ଦନ । ସେମାନେ ଚାହିଁଲେ ନେତା ସିଂହାସନରେ ବସି ରାଜ୍ କରିବେ, ନଚେତ୍ ଚଟାଣରେ ବସି ଭାଗ୍ୟକୁ ନିନ୍ଦିବେ । ଭୋଟ୍ ପାଇଁ ସେମାନେ ନୋଟ୍ ନିଅନ୍ତି, ମାଉଁସ ଖାଆନ୍ତି, ମଦ ପିଅନ୍ତି ସତ, ହେଲେ ଠିକ୍ ଯାଗାରେ ବଟନ୍ ଚିପିବାକୁ ଭୁଲନ୍ତିନି । ଅହଂ ବଢ଼ିଲେ କ୍ଷମତାକୁ ଠାଏ କିନା ବି ଦିଅନ୍ତି । ସଦ୍ୟ ସମାପ୍ତ ସିଂହାସନ ଲଢ଼େଇରେ ଲୋକେ କାହାକୁ ସିଂହାସନରେ ବସାଇଛନ୍ତି ତ ଆଉ କାହାକୁ ସିଂହାସନରୁ ଠେଲି ଦେଇଛନ୍ତି । ତାହାକୁ ନେଇ ଏଥର ଗର୍ବିତ ଓଡ଼ିଆର ଉପସ୍ଥାପନା...**

ODIA WEEKLY GARVIT ODIA

ନିର୍ବାଚନ ଆରମ୍ଭରୁ ସମସ୍ତଙ୍କର ନଜର ଥିଲା ଅଦମନୀୟ, ଅପରାଜେୟ ମମତା ବାନାର୍ଜୀଙ୍କ ଉପରେ । ପଶ୍ଚିମବଙ୍ଗରେ ଗତ ଏକ ଦଶନ୍ଧି ଧରି ମୋଦି-ମମତା, କେନ୍ଦ୍ର ସରକାର-ବଙ୍ଗ ସରକାର ମଧ୍ୟରେ ତୁମୁଳ ଯୁଦ୍ଧ ଚାଲିଛି । ଦୁଇ ଜିଦ୍ଖିଆ ଲୋକ ଲଢ଼େଇ କଲେ ବାତାବରଣ ଯେଉଁଳି ଉଷ୍ମ ରହେ, ଠିକ୍ ସେମିତି ବଙ୍ଗର ରାଜନୀତିକ ମାହୋଲ ବର୍ଷ ବର୍ଷ ଧରି ତତଲା ରହିଥିଲା । ଉଭୟ ମୋଦି ଓ ମମତା ଥିଲେ ଲୋକପ୍ରିୟ, ଉଭୟଙ୍କର ଦରକାର ଥିଲା କ୍ଷମତା । ଦୁଇ ବଡ଼ ହସ୍ତୀଙ୍କର ଏଲଢ଼େଇରେ ବଙ୍ଗବାସୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି । କେତେବେଳେ ମମତାଙ୍କ ଜିଦ୍ ଯୋଗୁଁ କେନ୍ଦ୍ରୀୟ ଅନୁଦାନର ସୁବିନିଯୋଗ ହୋଇପାରିନି ତ ଆଉ କେବେ ମୋଦିଙ୍କ ଜିଦ୍ ଯୋଗୁଁ ମମତା ପ୍ରଶାସନ ଅପେକ୍ଷା ରାଜନୀତି ଓ ସଂଗଠନ ଉପରେ ବେଶୀ ଧ୍ୟାନ ଦେଇଛନ୍ତି । କେନ୍ଦ୍ର ସହ ଲଢ଼େଇରେ ସେ ଏତେ ନିମଗ୍ନ ରହିଗଲେଯେ, ନିଜ ରାଜ୍ୟର ଅର୍ଥନୀତି ଓ ବିକାଶକୁ ବି ଭୁଲିଗଲେ । ପୂର୍ବରୁ ଯେମିତି ବାମପନ୍ଥୀ ଦଳଗୁଡ଼ିକ କ୍ୟାଡ଼ରର ବିକାଶରେ ରାଜ୍ୟର ବିକାଶ ଫର୍ମୁଲା ଆପଣାଇଥିଲା, ମମତା ସେମିତି ରଣନୀତି କରିଥିଲେ । ସେପଟେ ଭିତରେ ଭିତରେ ବଙ୍ଗରେ ମମତା ସରକାରଙ୍କ ବିରୋଧରେ ବଢୁଥିବା ଅସନ୍ତୋଷର ଫାଇଦା ଉଠାଇବାକୁ ସୁଚିନ୍ତିତ ଯୋଜନା କରିଥିଲେ ନରେନ୍ଦ୍ର ମୋଦି ଓ ଅମିତ୍ ଶାହା । ବଙ୍ଗରେ ମହିଳା ଓ ମୁସିଲମ୍ ଥିଲେ ମମତାଙ୍କ ଭୋଟ୍ ବ୍ୟାଙ୍କ । ତେଣୁ ମହିଳାଙ୍କ ଭୋଟ୍ ବ୍ୟାଙ୍କକୁ ବିଜେପି ଆଡ଼କୁ ଟାଣିବା ସହ ହିନ୍ଦୁତ୍ୱ ଭୋଟ୍ ଧ୍ରୁବୀକରଣ ପାଇଁ ବିଜେପି ରଣନୀତି କରିଥିଲା । ଗୋଟିଏ ପଟେ କେନ୍ଦ୍ରୀୟ ସଂସ୍ଥା ଯେପରିକି ଇଡ଼ି, ସିବିଆଇ ଓ ଆଇଟିକୁ ଲଗାଇ ମମତାଙ୍କୁ ଆକ୍ତାମାକ୍ତା କରିଦେଇଥିଲା ବିଜେପି । ସେପଟେ ସଂଘ ଓ ବିଜେପିର ତୃଣମୂଳ କାର୍ଯ୍ୟକର୍ତ୍ତାମାନେ ବୁଥ ୱାରୀ ଯୋଜନା ପ୍ରସ୍ତୁତ କରିଥିଲେ । ତେବେ ନିଜ କ୍ୟାଡ଼ରକୁ ନେଇ ଅହଙ୍କାରରେ ଥିବା ମମତା କିନ୍ତୁ ବିଜେପିର ଯୋଜନାକୁ ନେଇ ସେତେଟା ସିରିୟସ୍ ନଥିଲେ । ମମତା କେନ୍ଦ୍ର ସରକାରଙ୍କ ସହ ପ୍ରଶାସନିକ ଓ ରାଜନୀତିକ ଲଢ଼େଇରେ ମାତିଥିବାବେଳେ ଏପଟେ ଗାଁ ଗାଁରେ ପହଁଚିବାରେ ଲାଗିଥିଲା ବିଜେପି । ଶେଷରେ ଯାହା ହେବାର ଥିଲା, ସେଇଆ ହିଁ ଘଟିଲା ।

୨୦୨୬ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପି ୨୦୬ ଆସନ ପାଇଥିବାବେଳେ ଟିଏମସି ୮୧ ଆସନରେ ସୀମିତ ରହି ଯାଇଥିଲା । ସେପଟେ କଂଗ୍ରେସକୁ ୨, ଏଜେୟୁପିକୁ ୨, ସିପିଏମକୁ ୧ ଓ ଏଆଇଏସଏଫକୁ ଗୋଟିଏ ଆସନ ମିଳିଥିଲା । ବିଜେପିକୁ ୪୫.୮୪% ଅର୍ଥାତ୍ ୨ କୋଟି ୯୨ ଲକ୍ଷ ଭୋଟ୍ ମିଳିଥିବାବେଳେ ଟିଏମସିକୁ ମିଳିଛି ୪୦.୮୦% ଭୋଟ୍ ଅର୍ଥାତ୍

୨ କୋଟି ୬୦ ଲକ୍ଷ ଭୋଟ୍ । ଟିଏମସି ଠାରୁ ୩୨ ଲକ୍ଷ ଅଧିକ ଭୋଟ୍ ପାଇ ବିଜେପି ସେଠାରେ ଡବଲ ସେଞ୍ଚୁରୀ ମାରିଛି । ବଙ୍ଗୀୟ ଭୋଟର ପୁଣିଥରେ ପ୍ରମାଣିତ କରି ଦେଇଥିଲେଯେ, ସେମାନେ ଯାହାକୁ ଭୋଟ୍ ଦେବେ ଏକପାଖିଆ ହିଁ ଦେବେ ।

ବିଜେପିର ବିଜୟକୁ ନେଇ ବିରୋଧୀମାନେ ଯେଉଁ ପ୍ରସଙ୍ଗ ଉଠାଉଛନ୍ତି ତାହାକୁବି ସମ୍ପୂର୍ଣ୍ଣ ଭାବେ ନଜରଅନ୍ଦାଜ କରାଯାଇପାରିବ ନାହିଁ । କ୍ଷମତା ହାସଲ ପାଇଁ ବିଜେପି କେନ୍ଦ୍ରୀୟ ସଂସ୍ଥାଙ୍କର ଭରପୂର ଉପଯୋଗ କରିବାର ଅଭିଯୋଗଟି ନିରାଧାର ନୁହେଁ । ଚିଟଫଣ୍ଡ ଘଟଣାକୁ ଉଦାହରଣ ଭାବେ ନେଲେ ଆମେ ବୁଝିପାରିବା । ଚିଟଫଣ୍ଡ ଘଟଣାରେ ପଶ୍ଚିମବଙ୍ଗରେ ସିବିଆଇ ଯେତିକି ଚଡ଼ାଉ କରିଛି ସେତିକି ଚଡ଼ାଉ ଆମେ ଓଡ଼ିଶାରେ ଦେଖିବାକୁ ପାଇନାହେଁ । ଖାଲି ସେତିକିନୁହେଁ, ରାଜ୍ୟପାଳଙ୍କ ଭୂମିକାକୁ ନେଇ ବି ଅନେକ ବିତର୍କ ଦେଖିବାକୁ ମିଳିଛି । ହିଁ ହୁଏତ ସରକାର ଦଖଲ ପାଇଁ ବିଜେପି ନିଜ ହାତରେ ଥିବା ଅସ୍ତ୍ର ବ୍ୟବହାର କରିଛି । କିନ୍ତୁ ଆଗକୁ ଆହ୍ୱାନ ହେଉଛି, ଯେଉଁସବୁ ଅଭିଯୋଗ ଫର୍ଦ୍ଦ ମମତା ସରକାରଙ୍କ ବିରୋଧରେ ବିଜେପି ଦାଖଲ କରିଛି ତାହାର ସଠିକ୍ ତଦନ୍ତ କରାଯାଇ ପଦକ୍ଷେପ ନେବା ସହିତ ବଙ୍ଗରେ କ୍ଷମତା ପରିବର୍ତ୍ତନ ସହ ବିକାଶର ଆଉ ଏକ ଧାରା ସୃଷ୍ଟି କରିବା ।

# ଥାଲାପତି: ସିନେ ପରଦାରୁ ସିଂହାସନ ଯାଏଁ...

ଦକ୍ଷିଣ ଭାରତର ସବୁଠାରୁ ଲୋକପ୍ରିୟ ଅଭିନେତା ହେଉଛନ୍ତି ବିଜୟ ଥାଲାପତି । ଗୋଟିଏ ଗୋଟିଏ ସିନେମା ପାଇଁ ସେ ଦେଢ଼ ଶହରୁ ଦି ଶହ କୋଟି ନିଅନ୍ତି । ଖାଲି ତାମିଲନାଡୁ ନୁହେଁ, ଥାଲାପତିଙ୍କ କ୍ରେଜ୍ ସାରା ଭାରତରେ ବି ଦେଖିବାକୁ ମିଳେ । ହଠାତ୍ ବିଜୟ ରାଜନୀତିରେ ପ୍ରବେଶ କରିବା ଘଟଣାକୁ ଡିଏମକେ ଓ ଏମକେ ଷ୍ଟାଲିନ୍ ଗୁରୁତର ସହ ଗ୍ରହଣ କରିନଥିଲେ । ଏଡ଼ିଏମକେ ବି ସେତେ ଗୁରୁତ୍ୱ ଦେଇନଥିଲା । କାହିଁକିନା ତୃଣମୂଳସ୍ତରରେ ଉଭୟ ଦଳର କ୍ୟାଡ଼ର ଥିଲେବି ବିଜୟଙ୍କ କ୍ୟାଡ଼ର ନଥିଲେ । ଲୋକଙ୍କ ଭଲ ପାଇବା ଥିଲେବି ତାହାକୁ ଭୋଟରେ ରୂପାନ୍ତରିତ କରି ବୁଥକୁ ନେବା ଦାୟିତ୍ୱ ହେଉଛି କ୍ୟାଡ଼ରଙ୍କର । ଏମିତିବି ୨୦୨୪ରେ ବିଜୟ ଲୋକସଭା ନିର୍ବାଚନରେ ସଫଳ ହୋଇନଥିବାରୁ ଷ୍ଟାଲିନ୍ କେବଳ ଏଡ଼ିଏମକେକୁ ହିଁ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାରୁଥିଲେ । ହେଲେ ବିଜୟଙ୍କ ପ୍ରଚାର ଷ୍ଟାଇଲରେ ଯୁବପୀଢ଼ି କିନ୍ତୁ ବେଶ୍ ଆକର୍ଷିତ ହୋଇଥିଲେ । ନୂଆ ଭୋଟରମାନେ ବିଜୟଙ୍କୁ ହିଁ ପସନ୍ଦ କରୁଥିଲେ । ସିନେ ପରଦାରେ ସେ ଯେମିତି ଡାଇଲଗ ମାରୁଥିଲେ, ନିର୍ବାଚନୀ ସଭାରେ ବି ତାହା କାଏମ ରହିଥିଲା । ଯାହାକି ତାଙ୍କୁ ଏକ ଭଲ ନେତାର ମାନ୍ୟତା ଦେଇଥିଲା । ତଥାପିବି ବିଜୟଙ୍କ ପ୍ରଭାବ ଓ ପ୍ରଦର୍ଶନକୁ ସମସ୍ତେ ନଜର ଅନ୍ଦାଜ କରିଥିଲେ । ନିର୍ବାଚନ ପରେ ଆକ୍ସିସ ମାଇଁ ଇଣ୍ଡିଆକୁ ଛାଡ଼ିଦେଲେ କୌଣସି ବି ଏକଜିଟ୍ ପୋଲ୍ ବିଜୟ ଓ ଟିଭିକେକୁ ଦି ଅଙ୍କ ଆସନ ଦେଇନଥିଲେ । କେବଳ ଆକ୍ସିସ ହିଁ ୯୮ରୁ ୧୨୦ ଆସନ ଦେଇଥିଲା ।



୨୦୨୬ ବିଧାନସଭା ନିର୍ବାଚନରେ ବିଜୟଙ୍କ ଟିଭିକେକୁ ୩୪.୯୨% ଭୋଟ୍ ମିଳିଥିବାବେଳେ ୧୦୮ ଆସନ ମିଳିଛି । ନିକଟ ଅତୀତରେ ପ୍ରଥମ ଥର ବିଧାନସଭା ନିର୍ବାଚନକୁ ଓହ୍ଲାଇ ପୂର୍ବରୁ କୌଣସି ବି ନୂଆ ଦଳ ଏତେ ପ୍ରତିଶତ ଭୋଟ୍ ହାତେଇ ପାରିନଥିଲା । ଟିଭିକେ କିନ୍ତୁ ତାମିଲନାଡୁରେ ୧ କୋଟି ୭୨ ଲକ୍ଷ ଭୋଟ୍ ନେଇପାରିଛି । ଯେତେବେଳେକି ଶାସନରେ ଥିବା ଡିଏମକେକୁ ୨୪.୧୯% ବା ୧ କୋଟି ୧୯ ଲକ୍ଷ ଭୋଟ୍ ମିଳିଥିବାବେଳେ ପୂର୍ବରୁ ବହୁବାର କ୍ଷମତାରେ ଥିବା ଏଆଇଡ଼ିଏମକେକୁ ୨୧.୨୧% ବା ୧ କୋଟି ୪ ଲକ୍ଷ ଭୋଟ୍ ମିଳିଛି । ଡିଏମକେ ୫୯ରେ ଅଟକିଥିବାବେଳେ ଏଡ଼ିଏମକେକୁ ୪୭ ଆସନ ମିଳିଛି । ନିର୍ବାଚନରେ ଡିଏମକେ ଓ ଏଡ଼ିଏମକେ ଭଳି ଅନେକ ଲୋକପ୍ରିୟ ଘୋଷଣା କରିଥିଲେ ବିଜୟ । ଏବେ ତାହା ପାଳନ କରିବା ତାଙ୍କ ପାଇଁ ନିଶ୍ଚିତ ଭାବେ ଆହ୍ୱାନ ସୃଷ୍ଟିକରିଛି ।

ଏସବୁ ଭିତରେ ଆଉ ଏକ ବଡ଼କଥାଟି ହେଉଛି ତାମିଲନାଡୁରେ ସରକାର ଗଢ଼ିବାକୁ ୧୧୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ । କିନ୍ତୁ ବିଜୟ ଏହାଠାରୁ ୧୦ ପଛରେ ରହିଛନ୍ତି । ତେଣୁ ଆଗାମୀ ଦିନରେ ସେ କାହା ସହ ମେଣ୍ଟ କରୁଛନ୍ତି, କେଉଁ ଦଳ ତାଙ୍କୁ ସରକାର ବାହାରେ ରହି ସମର୍ଥନ କରୁଛି ତାହା ଉପରେ ବି ଅନେକ କିଛି ନିର୍ଭର କରେ । ସେପଟେ କେନ୍ଦ୍ରରେ ଶାସନ କରୁଥିବା ବିଜେପି ସହ ଯିବେ ନାହିଁ ବୋଲି ବିଜୟ ଘୋଷଣା କରିସାରିଛନ୍ତି । ତଥାପିବି କେନ୍ଦ୍ର ସରକାର ତାଙ୍କ ସହ ଶତ୍ରୁତା ଆଚରଣ କରିବେ ନାହିଁ । କାହିଁକିନା ଯାହା ବିଜେପି କରିପାରିନଥିଲା ତାହା ବିଜୟ କରି ଦେଖାଇଛନ୍ତି । ଡିଏମକେ ସରକାରରୁ ଯିବା ପରେ ତାହା ବିଜେପି ପାଇଁ ଏକ ସୁଯୋଗ ସୃଷ୍ଟି କରିଛି ବୋଲି କହିଲେ ଆଶ୍ଚର୍ଯ୍ୟ ହେବାର ନାହିଁ । ନିର୍ବାଚନ ବେଳେ ଆସନ ବୁଝାମଣାକୁ ନେଇ ବି ଡିଏମକେ-କଂଗ୍ରେସ ଖେଣ୍ଟିଆ ଖେଣ୍ଟି ଦେଖିବାକୁ ମିଳିଥିଲା । କଂଗ୍ରେସକୁ ଡିଏମକେ ଜମା ଖାତିର ବି କରୁନଥିଲା । ଷ୍ଟାଲିନ୍ ପୁଣିଥରେ ଜିତିବେ ବୋଲି ସ୍ଥିର ନିଶ୍ଚିତ ଥିବାବେଳେ ପୁଅ ଉଦୟନାଥ ଷ୍ଟାଲିନ୍ ଉପମୁଖ୍ୟମନ୍ତ୍ରୀ ଥିଲେ । ଆଗାମୀ ଦିନରେ ଡିଏମକେର ମଙ୍ଗ ଉଦୟ ହିଁ ସମ୍ଭାଳିବେ ବୋଲି ବାପ-ପୁଅ ଅଙ୍କ କଷିଥିଲେ । ହେଲେ ସେମାନଙ୍କ ବିଜୟର ଅଙ୍କକୁ ବିଜୟଙ୍କ ଟିଭିକେ ହିଁ ଭାଙ୍ଗିଦେଇଛି ।



## ଷ୍ଟାଲିନଙ୍କୁ ମାତ୍ ଦେଲେ ବାବୁ

ଆଜିକାଦିନରେ ଏମକେ ଷ୍ଟାଲିନ୍ ହେଉଛନ୍ତି ତାମିଲନାଡୁର ସବୁଠାରୁ ବଡ଼ ରାଜନୈତିକ ଚେହେରା । ହେଲେ ଥାଲାପତି ବିଜୟଙ୍କୁ ସେ ସିନେମାବାଲା ଭାବି ନଜରଅନ୍ଦାଜ କରିଦେଇଥିଲେ । ଯାହାର ପରିଣତି ସେ ଆଜି ଭୋଗୁଛନ୍ତି । ବିଜୟଙ୍କ ହୁଇସିଲରେ ଡିଏମକେର ସୂର୍ଯ୍ୟ ଅସ୍ତ ହୋଇଯାଇଛି । ତେବେ ଷ୍ଟାଲିନଙ୍କୁ ଏହା ଯେମିତି ଝଟକା ଦେଇଛି ତା'ଠୁ ବଡ଼ ଝଟକା ନିଜ ବିଧାନସଭା ନିର୍ବାଚନମଣ୍ଡଳୀରୁ ହିଁ ମିଳିଛି । କୋଲାଥୁର ଆସନରୁ ସେ ୨୦୧୬ରେ ୪୦ ହଜାର ଓ ୨୦୨୧ରେ ୭୫ ହଜାର ଭୋଟରେ ବାଜିମାତ୍ କରିଥିଲେ । କିନ୍ତୁ ୨୦୨୬ ନିର୍ବାଚନରେ ତାଙ୍କୁ ୮୭୯୫ ଭୋଟରେ ପରାସ୍ତ ହେବାକୁ ପଡ଼ିଛି । ଏକଦା ତାଙ୍କର ଘନିଷ୍ଠ ସହଯୋଗୀ ଥିବା ଭିଏସ ବାବୁ ତାଙ୍କୁ ହରାଇ ଦେଇଛନ୍ତି । ବାବୁଙ୍କ ପ୍ରତି ଦଳ ଅନ୍ୟାୟ କରିବାରୁ ସେ ପ୍ରଥମେ ଏଆଇଡ଼ିଏମକେକୁ ପଳାଇଥିଲେ । କିନ୍ତୁ ବିଜୟ ତାମିଲନାଡୁ ରାଜନୀତିରେ ହଟଚମଟ ସୃଷ୍ଟି କରିବା ପରେ ସେ ଟିଭିକେରେ ସାମିଲ୍ ହୋଇଥିଲେ ।

# ପୁଣି ମମତାଙ୍କୁ ହରାଇଲେ ଶୁଭେନ୍ଦୁ



୨୦୨୧ ବିଧାନସଭା ନିର୍ବାଚନରେ ଶୁଭେନ୍ଦୁଙ୍କୁ ହରାଇବା ପାଇଁ ନନ୍ଦୀଗ୍ରାମ ଯାଇଥିଲେ ମମତା ବାନାର୍ଜୀ । କିନ୍ତୁ ଅଳ୍ପ ଭୋଟରେ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ତେଣୁ ୨୦୨୬ ନିର୍ବାଚନରେ ମମତା ଆଉ ଶୁଭେନ୍ଦୁଙ୍କୁ ଟକ୍କର ଦେବାକୁ ନନ୍ଦୀଗ୍ରାମ ନଯାଇ ଭବାନୀପୁରରୁ ହିଁ ଲଢ଼ିଥିଲେ । ହେଲେ ଶୁଭେନ୍ଦୁ କିନ୍ତୁ ମମତାଙ୍କୁ ଛାଡ଼ିବାକୁ ଚାହୁଁନଥିଲେ । ଚଳିତ ନିର୍ବାଚନରେ ଶୁଭେନ୍ଦୁ ନନ୍ଦୀଗ୍ରାମରେ ଲଢ଼ିବା ସହ ଭବାନୀପୁରରେ ମମତାଙ୍କୁ ଟକ୍କର ଦେଇଥିଲେ । ଭବାନୀପୁରରୁ ବହୁବାର ଭଲ ଭୋଟରେ ଜିତୁଥିବା ମମତାଙ୍କୁ ଏଥର ପରାଜୟର ସ୍ୱାଦ ଚଖାଇଛନ୍ତି ଶୁଭେନ୍ଦୁ । ୧୫ ହଜାର ଭୋଟରେ ସେ ମମତାଙ୍କୁ ହରାଇ ଜବରଦସ୍ତ ଝଟକା ଦେଇଛନ୍ତି ।

# କାହିଁକି ହାରିଲା ଟିଏମସି ?

ମମତା ଜଣେ ଷ୍ଟ୍ରିଟ୍ ଫାଇଟର । ଆଜିକା ଦିନରେ ବଙ୍ଗର ସବୁଠାରୁ ଲୋକପ୍ରିୟ ନେତ୍ରୀ । ପନ୍ଦର ବର୍ଷ ଧରି ସେ ଶାସନ କ୍ଷମତାରେ ଥିବାବେଳେ କ୍ୟାଡ଼ରକୁ ବେଶ୍ ମଜବୁତ୍ କରିଥିଲେ । କିନ୍ତୁ ଏଥର ମୋଦିଙ୍କ ହାୱାରେ ଉଡ଼ିଯାଇଛି ମମତାଙ୍କ ଘାସଫୁଲ ।

ତେବେ ଦେଢ଼ ଦଶନ୍ଧି ଧରି ମମତା କିଛି ଭଲ କରିଥିବାବେଳେ କିଛି ଭେଲ୍ ବି କରିଛନ୍ତି । ସେଇ ଭେଲଗୁଡ଼ିକ ହିଁ ମମତାଙ୍କ ପାଇଁ କାଳ ହୋଇଛି । ଏଇଯେମିତି; ଶିକ୍ଷକ ନିଯୁକ୍ତି ଦୁର୍ନୀତି । ଯୋଗ୍ୟ ପ୍ରାର୍ଥୀଙ୍କ ବଦଳରେ ଟଙ୍କା ବିନିମୟରେ ନିଯୁକ୍ତି ମିଳିବା ଘଟଣା ମଧ୍ୟବିତ୍ତ ପରିବାରକୁ କ୍ଷୁବ୍ଧ କରିଥିଲା ।

ସେହିପରି ବିଗତ ଦିନମାନଙ୍କରେ ନାରୀ ନିର୍ଯ୍ୟାତନା ବଢ଼ି ଚାଲିଥିଲା । ଯାହାକି ମହିଳା ଭୋଟରଙ୍କୁ କ୍ଷୁବ୍ଧ କରିଥିଲା । ଖାଲି ସେତିକିନୁହେଁ, ତୃଣମୂଳ କଂଗ୍ରେସର ସ୍ଥାନୀୟ ନେତା ଓ କର୍ମୀମାନେ ଆତଙ୍କରାଜ୍ ଚଲାଇଥିଲେ । ସେମାନେ ବଟି ଆଦାୟରେ ଲିପ୍ତ ରହୁଥିଲେ । ପନ୍ଦର ବର୍ଷ ଧରି ସରକାରରେ ଥିବାରୁ ସ୍ୱାଭାବିକଭାବେ ମମତା ସରକାରଙ୍କ ପ୍ରତି ଜନ ଆକ୍ରୋଶ ବୃଦ୍ଧି ପାଇଥିଲା । ଆରଜି କର ମେଡ଼ିକାଲ କଲେଜରେ ଛାତ୍ରୀ ବଳାତ୍କାର ଓ ହତ୍ୟା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ସରକାରୀ କର୍ମଚାରୀମାନେ ବି ଅସନ୍ତୁଷ୍ଟ ଥିଲେ । ସେମାନଙ୍କ ମହଙ୍ଗା ଭତ୍ତା ଓ ସପ୍ତମ ବେତନ କମିଶନ ଲାଗୁ କରାଯାଇନଥିଲା । ସେପଟେ ମମତାଙ୍କ ଉତ୍ତରାଧିକାରୀ ଅଭିଷେକ ବାନାର୍ଜୀ ଚଳିତ ନିର୍ବାଚନରେ ୭୪ ବିଧାୟକଙ୍କ ଟିକେଟ୍ କାଟି ୧୩୦ ନୂଆ ଯୁବ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଥିଲେ । ମମତା ସରକାରଙ୍କ ପ୍ରତି ଥିବା ଜନ ଅସନ୍ତୋଷକୁ ଆଖି ଆଗରେ ରଖି ମୋଦି-ଶାହ ଗୋଟି ଚଳାଇଥିଲେ । ମମତା ବିରୋଧୀ ସବୁ ଭୋଟ୍ ବିଜେପି ଖାତାକୁ ଆସିଥିଲା । ମମତା ମୁସଲିମ୍ ଭୋଟ ଉପରେ ଗୁରୁତ୍ୱ ଦେଉଥିବାରୁ ବିଜେପି ହିନ୍ଦୁ ଭୋଟ ଧ୍ରୁବୀକରଣ ଉପରେ ଫୋକସ କରି ଲାଭବାନ ହୋଇଛି । ଏହାଛଡ଼ା ମୋଦିଙ୍କ କ୍ରେଜ୍ ଓ ବିକାଶ ଯୋଜନା ବି ଯୁବପୀଢ଼ିଙ୍କୁ ଆକର୍ଷିତ କରିଥିଲା ।



# ବାମ ଦଳ ଚିହ୍ନ ଅଛି ଚଉକି ନାହିଁ

ଦିନ ଥିଲା, କେନ୍ଦ୍ରରେ ବାମଦଳ ସରକାର ଗଢ଼ିବାରେ ସାହାଯ୍ୟ କରୁଥିଲା ଆଉ ସରକାରକୁ ବି ଟଳାଇ ଦେଉଥିଲା । ଏମିତିକି ୧୯୯୬ରେ ସିପିଆଇଏମ ନେତା ଜ୍ୟୋତି ବସୁଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ବି ପ୍ରସ୍ତାବ ଯାଇଥିଲା । ହେଲେ ସିପିଏମ ପଲିଟବ୍ୟୁରୋ ଏଭଳି ପ୍ରସ୍ତାବକୁ ଖାରଜ କରିଦେଇଥିଲା । ଯେଉଁଥିପାଇଁ କେନ୍ଦ୍ରରେ ସରକାର ଗଢ଼ିବାର ଏକ ବଡ଼ ସୁଯୋଗ ହାତଛଡ଼ା କରିଥିଲା ବାମଦଳ ।

ଇତିମଧ୍ୟରେ ତିନି ଦଶନ୍ଧି ବିତିଯାଇଥିବାବେଳେ ଦେଶର କ୍ଷମତା ମାନଚିତ୍ରରୁ ବାମ ଦଳ ହଜିଯାଇଛି । ଦଳର ଚିହ୍ନ ସିନା ଅଛି ହେଲେ ଆଉ ଚଉକି ନାହିଁ । ଦିନେ ପଶ୍ଚିମବଙ୍ଗ, କେରଳ ଓ ତ୍ରିପୁରା ଥିଲା ବାମଦଳର ଗଡ଼ । ତେବେ ମମତା ବାନାର୍ଜୀ ବଙ୍ଗରେ ବାମଦୁର୍ଗ ଭାଙ୍ଗି ଦେଇଥିଲେ । ପରେ ତ୍ରିପୁରାରେ ବିଜେପି ବାମ ଦୁର୍ଗର ପତନ ଘଟାଇଥିଲା । ଆଉ ଏବେ କେରଳରେ ବାମଦଳ ଠାରୁ କ୍ଷମତା ଛଡ଼ାଇ ନେଇଛି କଂଗ୍ରେସ । ୧୯୭୦ ପରେ ପ୍ରଥମ ଥର ପାଇଁ ବାମଦଳ ସାରା ଦେଶରେ କ୍ଷମତାଶୂନ୍ୟ ହୋଇଛି ।

୧୯୫୨ରେ ଦେଶର ପ୍ରଥମ ନିର୍ବାଚନ ହୋଇଥିଲା । ସେହି ନିର୍ବାଚନରେ ସିପିଆଇ ଥିଲା ସବୁଠାରୁ ବଡ଼ ବିରୋଧୀ ଦଳ । ୧୯୫୭ରେ କେରଳରେ ବାଜିମାତ୍ କରି ବାମଦଳ ପ୍ରଥମ ଗଣତାନ୍ତ୍ରିକ ନିର୍ବାଚିତ ସରକାର ଗଠନର ସୁଯୋଗ ପାଇଥିଲେ । ଏହାର ଦୁଇ ଦଶନ୍ଧି ପରେ ପଶ୍ଚିମବଙ୍ଗରେ ସିପିଆଇଏମ କ୍ଷମତାକୁ ଆସିଲା । ଜ୍ୟୋତିବସୁ ହୋଇଥିଲେ ମୁଖ୍ୟମନ୍ତ୍ରୀ । ୨୩ ବର୍ଷ ଧରି ଜ୍ୟୋତି ବସୁ ମୁଖ୍ୟମନ୍ତ୍ରୀ ରହି ରେକର୍ଡ଼ ବି କରିଥିଲେ । ୨୦୦୦ରେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ହୋଇଥିଲେ ମୁଖ୍ୟମନ୍ତ୍ରୀ । ୨୦୧୧ରେ ମମତା କ୍ଷମତା ଅକ୍ତିଆର କରିବା ପର୍ଯ୍ୟନ୍ତ ବଙ୍ଗରେ ବାମ ସରକାର ହିଁ ଚାଲିଥିଲା । ସେପଟେ କେରଳରେ ବାମଦଳର କ୍ଷମତାରୁ ଯିବା ଆସିବା ଜାରି ରହୁଥିଲା । ଏହାପରେ ତ୍ରିପୁରା ପାଲଟିଥିଲା ବାମ ଦୁର୍ଗ । ୧୯୯୩ରେ ବାମଦଳଗୁଡ଼ିକ ଏକପାଖିଆ ଭାବେ ତ୍ରିପୁରା ଦଖଲ କରିଥିଲେ । ପ୍ରଥମେ ଦଶରଥ ଦେବ ଓ ପରେ ମାଣିକ ସରକାର ଲମ୍ବା ସମୟ ଧରି ତ୍ରିପୁରାରେ ରାଜ୍ କରିଥିଲେ । ତେବେ ୨୦୧୧ରେ ପଶ୍ଚିମବଙ୍ଗରେ ମମତା ବାଜିମାତ୍ କରିବା ପରେ ଆଉ ବାମଦଳ ଉଧେଇ ପାରିନି । ସେହିପରି ୨୦୧୮ ରେ ବିଜେପି ତ୍ରିପୁରା ଦଖଲ କରିବା ପରେ ସେଠାରେ ବି ବାମଦଳ ଖସିଖସି ଚାଲିଛି ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

ଗର୍ବିତ ଓଡ଼ିଆ

# ବଙ୍ଗରେ ବଂଶଲଙ୍କ କମାଲ୍



୨୦୨୨ ଅଗଷ୍ଟ । ସୁନୀଲ ବଂଶଲ ହେଲେ ବିଜେପିର ଜାତୀୟ ସାଧାରଣ ସମ୍ପାଦକ । ପଶ୍ଚିମବଙ୍ଗ, ଓଡ଼ିଶା ଓ ତେଲେଙ୍ଗାନାର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ କରିଥିଲେ ନରେନ୍ଦ୍ର ମୋଦି ଓ ଅମିତ ଶାହ । ଏହି ତିନି ରାଜ୍ୟରେ ଦଳର ସଂଗଠନ ଅସ୍ଥିର ରହିଥିଲା । ୨୦୨୪ରେ ବିଜେପି ରାଜ୍ୟରେ ୨୦ ଲୋକସଭା ଆସନ ହାତେଇବା ସହ ନବୀନ ପଟ୍ଟନାୟକଙ୍କ ସରକାରକୁ ଗାଦିଚ୍ୟୁତ କରି ପ୍ରଥମ ଥର ନିଜଦମ୍‌ରେ ସରକାର ଗଢ଼ିବାର ସୌଭାଗ୍ୟ ପାଇଛି । ଏହାପରେ ବଂଶଲ ବଙ୍ଗ ଅଙ୍କ କଷିଥିଲେ । ସେଠାରେ ଥିବା ପ୍ରାୟ ୪୪ ହଜାର ବୁଥକୁ ମଜବୁତ୍, ଦୁର୍ବଳ ଓ ସ୍ୱିଙ୍ଗ ସେଗମେଣ୍ଟ ଭଳି ତିନି ଭାଗରେ ବିଭକ୍ତ କରାଯାଇଥିଲା । ପ୍ରତି ବୁଥରେ ଥିଲେ ମାଇକ୍ରୋ କାର୍ଯ୍ୟକର୍ତ୍ତା । ପାନ୍ନା ପ୍ରମୁଖ ନିଯୁକ୍ତ କରାଯାଇଥିଲା । ସେମାନଙ୍କୁ ୩୦ରୁ ୬୦ ଭୋଟରଙ୍କ ଦାୟିତ୍ୱ ଦିଆଯାଇଥିଲା । ପ୍ରତି ପରିବାରକୁ ଭେଟି ସେମାନଙ୍କ ସହ ସିଧାସଳଖ ସମ୍ପର୍କ ବଢ଼ାଇବାକୁ କୁହାଯାଇଥିଲା । ମତଦାନ ପର୍ଯ୍ୟନ୍ତ ନିୟମିତ ଭାବେ ସମ୍ପର୍କ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲ । ବିଜେପିକୁ ଟିଏମସି ସବୁବେଳେ ଆଉଟସାଇଡ଼ର ଫୋର୍ସ ବୋଲି କହି ଆସୁଥିବାରୁ ଏଭଳି ରଣନୀତି କରିଥିଲେ ବଂଶଲ ।

ସଂଗଠନକୁ ବଢ଼ାଇବା ଓ ନିର୍ବାଚନ ଜିତାଇବାରେ ବଂଶଲ ଥିଲେ ମାହିର । ସେ ଥିଲେ ଆରଏସଏସର ପ୍ରଚାରକ । ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦରେ ଦୀର୍ଘବର୍ଷ କାମ କରିବାର ଅଭିଜ୍ଞତା ଥିବାରୁ ବିଜେପିକୁ ସହଯୋଗ କରିବା ପାଇଁ ଆରଏସଏସ ତାଙ୍କୁ ଏହି ଦାୟିତ୍ୱ ଦେଇଥିଲା । ୨୦୧୪ରେ ସେ ପ୍ରଥମ ଥର ପାଇଁ ଉତ୍ତରପ୍ରଦେଶ ଲୋକସଭା ନିର୍ବାଚନ ଦାୟିତ୍ୱରେ ରହିଲେ । ଯାହାର ଫଳସ୍ୱରୂପ ବିଜେପି ୭୧ ଆସନରେ ଜିଣିଥିଲା । ଅମିତ ଶାହ ୟୁପି ପାଇଁ ଯେଉଁ ରଣନୀତି କରିଥିଲେ ତାହାର ପ୍ରକୃତ ବିନ୍ଧାଣୀ ଥିଲେ ବଂଶଲ । କ୍ୟାଡ଼ର ବ୍ୟବସ୍ଥାକୁ ସେ ଏତେ ମଜବୁତ୍ କରିଥିଲେଯେ, ତାହାରି ଉପରେ ଏବେ ଯୋଗୀ ଆଦିତ୍ୟନାଥ ଲଗାତର ଭାବେ ସଫଳତା ହାସଲ କରି ଆସୁଛନ୍ତି । ଓଡ଼ିଶା ଓ ପଶ୍ଚିମବଙ୍ଗରେ ବିଜେପିକୁ କ୍ଷମତାକୁ ଆଣିବା ପରେ ବଂଶଲ ଏବେ ତେଲେଙ୍ଗାନା ଉପରେ ଫୋକସ କରିବା ଆରମ୍ଭ କରିଛନ୍ତି ।

# ଶାହଙ୍କ ବଙ୍ଗ ସେନାପତି ଧର୍ମେନ୍ଦ୍ର



ପଶ୍ଚିମବଙ୍ଗ ଦଖଲ ପାଇଁ ଶାହ କରିଥିବା ରଣନୀତିର ସଫଳ କାର୍ଯ୍ୟାନ୍ୱୟନ ସକାଶେ ଦଳର ୫ ସେନାପତିଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେମାନେ ହେଲେ ସୁନୀଲ ବଂଶଲ, ଧର୍ମେନ୍ଦ୍ର ପ୍ରଧାନ, ଭୂପେନ୍ଦ୍ର ଯାଦବ, ବିପ୍ଳବ ଦେବ ଓ ଅମିତ୍ ମାଲବ୍ୟ । ଧର୍ମେନ୍ଦ୍ରଙ୍କୁ ପଶ୍ଚିମବଙ୍ଗର ଝାଡ଼ଗ୍ରାମ, ପୂର୍ବ ମେଦିନପୁର, ପଶ୍ଚିମ ମେଦିନପୁର, ତାମଲୁକ ଓ ଘାଟାଲ ଜିଲ୍ଲା ଦାୟିତ୍ୱ ଦିଆଯାଇଥିଲା । ସେହି ଜିଲ୍ଲାମାନଙ୍କରେ ଥିବା ୩୫ ବିଧାନସଭାର ଭାର ତାଙ୍କ ଉପରେ ନ୍ୟସ୍ତ ଥିଲା । ସେଠାରେ ବିଜେପିର ୩୩ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି । ସେହିପରି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, ତାଙ୍କ ଭାଇ ଦିବେନ୍ଦୁ ଅଧିକାରୀ, ଟାଣୁଆ ବିଜେପି ନେତା ଦିଲ୍ଲୀପ ଘୋଷଙ୍କ ନିର୍ବାଚନ ପରିଚାଳନା ବି ଧର୍ମେନ୍ଦ୍ର କରୁଥିଲେ । ରଣନୀତି ଆଧାରରେ ଦଳୀୟ କାର୍ଯ୍ୟକର୍ତ୍ତା ଯେଭଳି କାର୍ଯ୍ୟ କରିବେ ତାହା ସେ ସୁନିଶ୍ଚିତ କରିଥିବାବେଳେ ନେତା ଓ କର୍ମୀଙ୍କ ମଧ୍ୟରେ ଥିବା ମତାନ୍ତରକୁ ଦୂର କରିଥିଲେ । ଅବଶ୍ୟ ପୂର୍ବରୁ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ତ୍ରିପୁରା, ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ହରିୟାଣା ଓ ବିହାରରେ ବି ସେ ନିର୍ବାଚନ ପରିଚାଳନା କରି ସଫଳ ହୋଇଛନ୍ତି ।

# ଆସାମ ହାଟ୍ରିକ୍ ପଛର ରହସ୍ୟ ?



ଆସାମର ଲୋକପ୍ରିୟ ନେତା ହେଉଛନ୍ତି ହିମନ୍ତ ବିଶ୍ୱଶର୍ମା । କଂଗ୍ରେସରେ ଥିବାବେଳେ ବି ତାଙ୍କର ଲୋକପ୍ରିୟତା ରହିଥିଲା । ଯେଉଁଥିପାଇଁ ସେ କଂଗ୍ରେସ ଛାଡ଼ିବା ପରେ ଭାରତୀୟ ଜନତା ପାର୍ଟି ଆସାମରେ ସରକାର ଗଢ଼ି ପାରିଥିଲା । ନିର୍ବାଚନ ପୂର୍ବରୁ ଡିଲିମିଟେସନ ବି ଆସାମ ଅଙ୍କକୁ ବଦଳାଇ ଦେଇଥିଲା । ମୋଦି ଓ ହିମନ୍ତଙ୍କ ଲୋକପ୍ରିୟ ଯୋଜନା ଆସାମରେ ସରକାରୀ ବିରୋଧୀ ହାୱାର ଗତି ବଦଳାଇ ଦେଇଥିଲା । ସେପଟେ ବିରୋଧୀଙ୍କ ପାଖରେ ଭଲଚେହେରା ନଥିଲା । ଏମିତିବି ଆସାମ କଂଗ୍ରେସର ପୋଷ୍ଟର ବୟ ଗୌରବ ଗୋଗୋଇ ବି ନିର୍ବାଚନ ହାରିଯାଇଛନ୍ତି ।

# ଆସାମ: ବୈଜୟନ୍ତ ଓ ସୁଜିତଙ୍କ କମାଲ୍





ଆସାମରେ ବିଜେପିର ହାଟ୍ରିକ ବିଜୟ ପଛରେ ଦୁଇ ଓଡ଼ିଆ ନେତା ବୈଜୟନ୍ତ ପଣ୍ଡା ଓ ସୁଜିତ୍ କୁମାରଙ୍କର ବି ବେଶ୍ ଅବଦାନ ରହିଛି । ୨୦୨୬ ଭଳି ୨୦୨୧ରେ ବି ବୈଜୟନ୍ତ ଆସାମର ପ୍ରଭାରୀ ଥିଲେ । ଏଥର ବୈଜୟନ୍ତଙ୍କ ସହ ସୁଜିତ୍ କୁମାର ବି ଆସାମ ପ୍ରଚାରର ମଙ୍ଗ ଧରିଥିଲେ । ରାଜ୍ୟସଭା ନିର୍ବାଚନ ପୂର୍ବରୁ ବି ସୁଜିତଙ୍କୁ ଦଳ ଆସାମର ଦାୟିତ୍ୱ ଦେଇଥିଲା । ପ୍ରାୟ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସୁଜିତ୍ ଆସାମରେ ରହିଥିଲେ । ସେଠାରେ ପ୍ରଚାର ଓ ଭୋଟ୍ ରଣନୀତିରେ ବଡ଼ ଭୂମିକା ଗ୍ରହଣ କରିଥିଲେ । ବିଜୁ ଜନତା ଦଳରେ ଥିବାବେଳେ ସୁଜିତ୍ ୱାରରୁମ୍‌ର ପ୍ରମୁଖ ଭୂମିକାରେ ଥିବାକଥା ବିଜେପି ନେତାମାନେ ଜାଣିଥିଲେ । ତେଣୁ ତାଙ୍କର ଦକ୍ଷତାକୁ ଦଳ ଉପଯୋଗ କରିଥିଲା ।

# ଆଞ୍ଚଳିକ ଦଳ ବନାମ ମୋଦି




ଭାରତୀୟ ରାଜନୀତିରେ ଆଞ୍ଚଳିକ ଦଳଗୁଡ଼ିକ ଜାତୀୟ ଦଳଗୁଡ଼ିକ ଠାରୁ ବି ବେଶ୍ ପ୍ରଭାବଶାଳୀ ଥିଲେ। କିନ୍ତୁ ନରେନ୍ଦ୍ର ମୋଦି ଧିରେଧିରେ ଆଞ୍ଚଳିକ ଦଳଗୁଡ଼ିକର ଚେର ଉପାଡ଼ିଦେବାରେ ଲାଗିଛନ୍ତି। ଯେଉଁ ଆଞ୍ଚଳିକ ଦଳଗୁଡ଼ିକ ମୋଦିଙ୍କୁ ନାଲି ଆଖି ଦେଖାଇଛନ୍ତି, ସେମାନଙ୍କୁ ହଟାଇବା ପାଇଁ ମୋଦି ଜୀଜାନ୍ ଲଗାଇ ଦେଇଛନ୍ତି। ସାରା ଦେଶରେ ଏମିତି ସ୍ଥିତି ହୋଇଛି, ଯେମିତିକି ଆଗାମୀ ଦିନରେ ଜାତୀୟ ଦଳ ଭିତରେ ହିଁ ମୁକାବିଲା ହେବ।

ଚଳିତ ନିର୍ବାଚନରେ ପଶ୍ଚିମବଙ୍ଗରୁ ମମତା ବାନାର୍ଜୀ ହଟିଗଲେ। ମମତାଙ୍କ ବୟସ ହୋଇଯାଇଥିବାରୁ ୨୦୩୧ ବେଳକୁ ଦଳର ପ୍ରଦର୍ଶନ କ'ଣ ହେବ ତାହାକୁ ନେଇ ଆଶଙ୍କା ରହିବା ସ୍ୱାଭାବିକ। ତାମିଲନାଡୁରେ ଡିଏମକେ ଓ ଏମକେ ଷ୍ଟାଲିନ୍ ହଟିଯାଇଛନ୍ତି। ଡିଏମକେ ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଥିଲା। କିନ୍ତୁ ବିଜୟଙ୍କ କ୍ରେଜ୍ ଆଗରେ ଡିଏମକେ ଓ ଏଡ଼ିଏମକେ ଫିକା ପଡ଼ିଯାଇଛନ୍ତି। ଓଡ଼ିଶାରେ ନବୀନ ପଟ୍ଟନାୟକ ଲଗାତର ୫ ଥର ଶାସନ ଗାଦିକୁ ଆସିଥିବାବେଳେ ମୋଦିଙ୍କ ଆକ୍ରମଣାତ୍ମକ ରଣନୀତି ପାଇଁ ୨୦୨୪ରେ କ୍ଷମତାଚ୍ୟୁତ ହୋଇଛନ୍ତି। ତା' ପରଠାରୁ ବିଜେଡ଼ି ଦୁର୍ବଳ ହେବା ଆରମ୍ଭ କରିଛି। ମହାରାଷ୍ଟ୍ରରେ ଏକଦା ଶିବସେନା-ବିଜେପିର ଯୁଗଳବନ୍ଦୀ କଂଗ୍ରେସ-ଏନସିପିକୁ ଟକ୍କର ଦେଉଥିଲା। ହେଲେ ଶିବସେନାର ମୁଖ୍ୟ ଉଦ୍ଧବ ଠାକରେଙ୍କ ଦଳରେ ଅପରେସନ୍ ଲୋଟସ୍ କରି ଖିନଭିନ୍ନ କରି ଦିଆଗଲା। ଏବେ ଉଦ୍ଧବ ମହାରାଷ୍ଟ୍ରରେ ସଂଘର୍ଷ କରୁଛନ୍ତି। ଲୋକସଭା ଓ ବିଧାନସଭା କଥା ଛାଡ଼, ବିଏମସିରେ ବି ଦଳ ମାଟି କାମୁଡ଼ିଛି। ଉତ୍ତରପ୍ରଦେଶରେ ସପା ବେଶ୍ ପ୍ରଭାବଶାଳୀ ଦଳ ଥିଲା। ହେଲେ ମୋଦି-ଶାହ ସପା, ବସପାର ଚେର ଉପାଡ଼ିଦେଇ ସେଠାରେ ବିଜେପିକୁ ମହାଦ୍ରୁମ କରି ଦେଇଛନ୍ତି। ଦିଲ୍ଲୀରେ ଅରବିନ୍ଦ କେଜ୍ରିୱାଲଙ୍କ ଆପକୁ ମୋଦି ଝଟକା ଦେବା ପରେ ଏବେ ପଞ୍ଜାବରେ ଆପକୁ ତଳିତଳାନ୍ତ କରିବାକୁ ସବୁରକମ ପ୍ରୟାସ ଜାରି ରଖିଛନ୍ତି। ଆନ୍ଧ୍ରପ୍ରଦେଶରେ ୱାଇଏସଆରକୁ ମୋଦି ପ୍ରଥମେ ନିଜ ସହ ନେବାକୁ ଚାହୁଁଥିଲେ। ହେଲେ ୱାଇଏସଆରର ଜିଦ୍ ଯୋଗୁଁ ତାହା ସମ୍ଭବପର ହେଲାନି। ଶେଷରେ ଚନ୍ଦ୍ରବାବୁ ନାଇଡୁଙ୍କ ଜରିଆରେ ମୋଦି ୱାଇଏସଆରକୁ ବି ଦୁର୍ବଳ କରି ଦେଇଛନ୍ତି। ବିହାର କଥା ତ ସାରା ଦେଶ ଜାଣିଛି। ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ଦଳ ଆରଜେଡ଼ି ଏବେ ଖରାପ ସମୟ ଦେଇ ଗତିକରୁଛି। ସେପଟେ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦିଲ୍ଲୀକୁ ନେବାପରେ ଜେଡ଼ିୟୁ ବି ଦୁର୍ବଳ ହେବା ନିଶ୍ଚିତ।

# ରାହୁଲଙ୍କୁ ବଳ ଦେଲା କେରଳ



କଂଗ୍ରେସର ପୋଷ୍ଟର ବୟ ରାହୁଲ ଗାନ୍ଧୀ ଏବେ ହେଉଛନ୍ତି କେରଳର ସାଂସଦ। କେରଳରେ ପ୍ରତି ପାଳିରେ ସରକାର ବଦଳିବା ଏକ ଧାରାବାହିକ ପ୍ରକ୍ରିୟା। ହେଲେ ୨୦୨୧ରେ କେରଳକୁ କିନ୍ତୁ ବାମଦଳ ଲଗାତର ଦ୍ୱିତୀୟ ଥର ପାଇଁ ଦଖଲ କରିଦେଇଥିଲା। ତେଣୁ ୨୦୨୬ରେ ସ୍ୱାଭାବିକ ଭାବେ କଂଗ୍ରେସ ପାଇଁ ଏକ ଅନୁକୂଳ ସ୍ଥିତି ସୃଷ୍ଟି ହୋଇଥିଲା। ଏମିତିବି ଦେଶର ବିଭିନ୍ନ ରାଜ୍ୟରେ କଂଗ୍ରେସ ପରାଜୟ ବରଣ କରିଚାଲିଛି। ତେଣୁ କେରଳ ଉପରେ ରାହୁଲ ଗାନ୍ଧୀ ବେଶୀ ଧ୍ୟାନ ଦେଇଥିଲେ। ୨୦୨୬ ନିର୍ବାଚନରେ କଂଗ୍ରେସ ୨୮.୭୯% ବା ୬୨ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିବାବେଳେ ସିପିଆଇଏମ ୨୧.୭୭% ବା ୪୭ ଲକ୍ଷ ଭୋଟ ହାସଲ କରିଛି। ସେହିପରି ଆଇୟୁଏମଏଲକୁ ୧୧% ବା ୨୩.୭୮ ଲକ୍ଷ ଭୋଟ୍ ଓ ବିଜେପିକୁ ୧୧.୪୨% ବା ୨୪.୬୬ ଲକ୍ଷ ଭୋଟ୍ ମିଳିଛି। ତେବେ କେରଳରେ ବିଜେପି ୧୧.୪୨% ଭୋଟ୍ ପାଇବା ଛୋଟିଆ କଥା ନୁହେଁ। ଏମିତିବି ଦଳ ସେଠାରେ ୩ ବିଧାନସଭାରେ ବି ବିଜୟଲାଭ କରିଛି। ଯାହାକି ବିଜେପିକୁ ଉତ୍ସାହିତ କରିବା ସ୍ୱାଭାବିକ।

# ଆସାମ ଏକପାଖିଆ

ଆସାମରେ ଶାସନ ବିରୋଧୀ ହାୱା ଅନେକ ବାର କ୍ଷମତାସୀନ ଦଳକୁ ଗାଦିଚ୍ୟୁତ କରିଛି। ଦଶ ବର୍ଷର ଶାସନ ପରେ ବିଜେପି ବିରୋଧରେ ବି ଆସାମରେ ସରକାରୀ ବିରୋଧୀ ହାୱା ବହିବା ସ୍ୱାଭାବିକ। ହେଲେ ହିମନ୍ତ ବିଶ୍ୱଶର୍ମାଙ୍କ ରଣନୀତି କିନ୍ତୁ ମାହୋଲକୁ ବଦଳାଇ ଦେଇଥିଲା। ରାଜ୍ୟର ସୁରକ୍ଷା, ଅନୁପ୍ରବେଶକାରୀଙ୍କ କଥା କହିବା ସହ ଲୋକଙ୍କ ପାଇଁ ଗଦାଗଦା ଯୋଜନା ଖଞ୍ଜି ଦେଇଥିଲେ। ସେପଟେ କଂଗ୍ରେସର ନେତୃତ୍ୱ ସଂକଟ ବି ବିଜେପିକୁ ସୁହାଇଥିଲା। ୨୦୨୬ ନିର୍ବାଚନରେ ବିଜେପିକୁ ୮୨ ଆସନ ମିଳିଥିବାବେଳେ ଦଳ ୩୭.୮୧%, ଅର୍ଥାତ୍ ୮୧ ଲକ୍ଷ ୯୨ ହଜାର ଭୋଟ ହାତେଇ ପାରିଛି। ସେହିପରି କଂଗ୍ରେସ ୧୯ ଆସନ ପାଇଥିଲେବି ୨୯.୮୪% ଭୋଟ୍ ପାଇଛି। ଦଳ ମୋଟ ୬୪ ଲକ୍ଷ ୬୪ ହଜାର ଭୋଟ୍ ପାଇବାରେ ସଫଳ ହୋଇଛି। କିନ୍ତୁ ସେହି ଅନୁସାରେ ତାହା ଆସନରେ ରୂପାନ୍ତରିତ ହୋଇପାରିନି। ଏସବୁ ଭିତରେ ଗୌରବ ଗୋଗୋଇଙ୍କ ପାଇଁ ଏହି ନିର୍ବାଚନ ଫଳ ବଡ଼ ଆହ୍ୱାନ ସୃଷ୍ଟିକରିଛି। ତାଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଲଢ଼ିଥିଲେବି ପରାଜୟର ସାମ୍ନା କରିଛି।

## ମନ୍ଦିର ରାଜନୀତିକୁ ନା'

ଅଯୋଧ୍ୟା ହେଉକି ପୁରୀ ଅବା ଦୀଘା। ମନ୍ଦିର ରାଜନୀତି ହିଁ ରାଜନୀତିକ ଦଳ ପାଇଁ କାଳ ହେଉଛି। ୨୦୨୪ରେ ମହା ଆଡମ୍ବରରେ ରାମମନ୍ଦିରରେ ରାମଲାଲାଙ୍କ ପ୍ରତିଷ୍ଠା ହେଲା। ମନ୍ଦିର ରାଜନୀତିରୁ ଫାଇଦା ନେବାକୁ ମୋଦି ସରକାର ରଣନୀତି ବି କରିଥିଲେ। କିନ୍ତୁ ୨୦୨୪ ଲୋକସଭା ନିର୍ବାଚନରେ ବିଜେପିକୁ ଉତ୍ତରପ୍ରଦେଶରେ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଥିଲା। ୪୦୦ ଟପିବାକୁ ଲକ୍ଷ୍ୟ ରଖିଥିବା ବିଜେପି ୨୪୦ରେ ସୀମିତ ରହିଯାଇଥିଲା। ଏମିତିକି ମୋଦିଙ୍କ ତୃତୀୟ ପାଳି ସରକାରର ସ୍ଥାୟୀତ୍ୱ ପାଇଁ ଜେଡ଼ିୟୁ ଓ ଟିଡ଼ିପି ଉପରେ ନିର୍ଭର ହେବାକୁ ପଡୁଛି। ସେହିପରି ୨୦୨୪ ନିର୍ବାଚନ ପୂର୍ବରୁ ଜଗନ୍ନାଥଙ୍କୁ ନେଇ ରାଜନୀତି କରିଥିଲା ବିଜେଡ଼ି। ପୁରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଉଦଘାଟନଠୁ ନେଇ ଗାଁ ଗାଁରେ ଜଗନ୍ନାଥଙ୍କ ଗାଡ଼ି ବୁଲିବା ଭଳି ଘଟଣା ଦେଖିବାକୁ ମିଳିଥିଲା। ହେଲେ ନିର୍ବାଚନରେ ଦଳ ଚିତପଟାଙ୍ଗ ମାରିଥିଲା। ମମତା ବାନାର୍ଜୀ ମଧ୍ୟ ଦୀଘାରେ ଜଗନ୍ନାଥ ମନ୍ଦିର କରି ଜଗନ୍ନାଥପ୍ରେମୀ ବଙ୍ଗୀୟଙ୍କୁ ବାନ୍ଧି ରଖିବାକୁ ଯୋଜନା କରିଥିଲେ। ଦୀଘାକୁ ଜଗନ୍ନାଥ ଧାମ ବୋଲି ମଧ୍ୟ ଘୋଷଣା କଲେ। ହେଲେ ତାହା ତାଙ୍କ ପାଇଁ ବୁମେରାଂ ହୋଇଛି। ଦୀଘା ଜଗନ୍ନାଥ ମନ୍ଦିର ଥିବା ରାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବି ଟିଏମସି ପରାସ୍ତ ହୋଇଛି।

ଗର୍ବିତ ଓଡିଆ



# ରାଜଯୋଗ

**ନା ଥିଲା ନେତା ହେବାର ଅଭିଳାଷା, ନା ଥିଲା ବିଧାୟକ ହେବାର ସ୍ୱପ୍ନ । କିନ୍ତୁ ସମୟ ଓ ଭାଗ୍ୟ କାହାକୁ କେଉଁଠି ଠିଆ କରେ, କିଏ ଅବା ଜାଣେ । କେବେ କାହାର ରାଜ ସିଂହାସନ ଚାଲିଯାଏ ତ ଆଉ କେବେ ସାଧାରଣ ଲୋକ ମୁଣ୍ଡରେ ହାତୀ ସୁନା କଳସ ବି ଢାଳିଦିଏ । କେବେ ପରିବାରର ସମସ୍ତେ ପରାଜୟର ସାମ୍ନା କରନ୍ତି ତ ଆଉ କେବେ ପରିବାରର ସମସ୍ତେ ଜିତିଯାଆନ୍ତି । ନିର୍ବାଚନୀ ଗଣତନ୍ତ୍ରରେ ଅତୀତରେ ବି ଆମେ ଏମିତି ଚିତ୍ର ଚରିତ୍ର ଦେଖିଛୁ । ଆଉ ଏବେବି ତାହା ଜାରିରହିଛି... । ଏଇ ଦେଖୁନାହାନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଡିଏମକେ ଷ୍ଟାଲିନ୍ ନିଜ ଆସନରେ ନିର୍ବାଚନ ହାରି ଯାଇଛନ୍ତି । ହେଲେ ସେପଟେ ଏମିତି ଅନେକ ବିଧାୟକ 'ରାଜଯୋଗ' ବଳରେ ବଳୀୟାର ହୋଇଛନ୍ତି ।**



## ଖଣ୍ଡେ ଭୋଟ୍‌ରେ ହାରିଲେ



ମାତ୍ର ଗୋଟିଏ ଭୋଟ୍ କାହାକୁ ବିଜେତା ଆଉ କାହାକୁ ପରାଜିତ କରିବା ପାଇଁ ଯଥେଷ୍ଟ । ମାତ୍ର ଗୋଟିଏ ଭୋଟ୍‌ରେ ଯେ ପ୍ରାର୍ଥୀଙ୍କ ଭାଗ୍ୟ ପରିବର୍ତ୍ତନ ହୋଇପାରେ ତାହା ପୁଣିଥରେ ପ୍ରମାଣିତ ହେଲା । ଆପଣ ତାମିଲନାଡୁର ତିରୁପାଥୁର ବିଧାନସଭା ଅସନରେ ଲଢୁଥିବା ଟିଭିକେ ପ୍ରାର୍ଥୀ ଶ୍ରୀନିବାସ ସେତୁପଥି ଆର.ଙ୍କୁ ଭାଗ୍ୟବାନ୍ ଆଉ ଡିଏମ୍‌କେର ପୂର୍ବତନ ମନ୍ତ୍ରୀ କେ.ଆର. ପେରିୟାରକରୁପନ୍‌ଙ୍କୁ ଅଭାଗା ବି କହିପାରନ୍ତି । ମାତ୍ର ଗୋଟିଏ ଭୋଟ୍ ବ୍ୟବଧାନରେ ଏହି ଦୁଇପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇଛି । ସେତୁପତି ୮୩,୩୭୫ ଭୋଟ ପାଇଥିବାବଳେ ପେରିୟାରକରୁପନ୍‌ଙ୍କୁ ୮୩,୩୭୪ ଖଣ୍ଡ ଭୋଟ୍ ମିଳିଛି । ଆଉ ମାତ୍ର ଗୋଟିଏ ଭୋଟ୍‌ରେ ଟିଭିକେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି, ଯାହାକି ତାମିଲନାଡୁରେ ଚର୍ଚ୍ଚା ସୃଷ୍ଟି କରିଛି ।

## ଥାଲାପତିଙ୍କ ପାଇଁ ଓମାନ୍‌ରୁ ଆସି ଭୋଟ୍ ଦେଲେ ଫ୍ୟାନ୍

ତାମିଲନାଡୁର ତିରୁପାଥୁର ବିଧାନସଭା ଆସନରେ ଲଢୁଥିବା ଟିଭିକେ ପ୍ରାର୍ଥୀ ଶ୍ରୀନିବାସ ସେତୁପଥି ଆର.ଙ୍କୁ ଗୋଟିଏ ଭୋଟ୍ ବ୍ୟବଧାନରେ ମିଳିଛି ବିଜୟ । ତେବେ ଏହି ଖବର ପାଇବା ପରେ ଥାଲାପତି ବିଜୟଙ୍କର ଜଣେ ଫ୍ୟାନ୍ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲ ଏକ୍ସରେ ନିଜର ବିମାନଟିକଟ୍ ପୋଷ୍ଟ କରି ଲେଖିଛନ୍ତି ଭୋଟ୍ କରିବାକୁ ଆସି ମୁଁ ଗର୍ବିତ । ଶିବଗଙ୍ଗା ଜିଲ୍ଲାର ମଣିକାନନ୍ଦନମ୍ ଶିବନାଥନମ୍ ନାମକ ଜଣେ ଭୋଟର ନିଜ ପରିବାର ସହିତ ସୁଦୁର ଓମାନର ରାଜଧାନୀ ମସ୍କାଟରୁ ଥାଲାପତି ବିଜୟଙ୍କ ଦଳ ଟିଭିକେ ପାଇଁ ଭୋଟ୍ ଦେବାକୁ ଆସିଥିଲେ । ଟିଭିକେ ପ୍ରାର୍ଥୀ ଗୋଟିଏ ଭୋଟରେ ବିଜୟୀ ହେବା ଖବର ପାଇବା ପରେ ନିଜ ଏକ୍ସ ହ୍ୟାଣ୍ଡେଲ୍‌ରେ ନିଜର ଟିକେଟ୍ ଶେଆର କରି ସେ ଖୁସି ବ୍ୟକ୍ତ କରି କହିଛନ୍ତି ମୁଁ ଗର୍ବିତ ଯେ, ମୋ ଥାଲାପତିଙ୍କ ପାଇଁ ଭୋଟ କରିବାକୁ ଆସିଥିଲି ଆଉ ତାଙ୍କ ଦଳ ମୋ ନର୍ବାଚନମଣ୍ଡଳୀରେ ଜିତିଲା ।

## ଗୋଟିଏ ପରିବାରରୁ ୩ ବିଧାୟକ

ତାମିଲନାଡୁର ଗୋଟିଏ ପରିବାର ୩ ସଦସ୍ୟ ୩ଟି ଅଲଗା ଦଳରୁ ଜିତିଲେ ନିର୍ବାଚନ । ଭାରତରେ ଲଟେରୀ କିଙ୍ଗ ଭାବେ ଜଣାଶୁଣା ସାଂଟିଆଗୋ ମାର୍ଟିନ୍‌ଙ୍କ ସ୍ତ୍ରୀ ଲିମାରୋଜ ମାର୍ଟିନ୍ ଓ ଜ୍ୱାଇଁ ଆଧବ ଅର୍ଜୁନ ରେଡ୍ଡୀ ତାମିଲନାଡୁରେ ଜିତି ଥିବାବେଳେ ପୁଡୁଚେରୀରେ ନିଜ ଦଳ ଗଢ଼ି ସେଠି ପ୍ରଥମ ନିର୍ବାଚନ ଲଢ଼ି ଜିତିଛନ୍ତି ମାର୍ଟିନଙ୍କ ପୁଅ ଜୋସ୍ ଚାର୍ଲସ ମାର୍ଟିନ୍ । ବିଜୟଙ୍କ ଟିଭିକେର ନିର୍ବାଚନ ଶାଖାର ସାଧାରଣ ସମ୍ପାଦକ ଭାବେ ଆଧବ ରେଡ୍ଡୀ କାମ କରୁଛନ୍ତି । ସେ ଭିଲିଭକମ୍ ଆସନରୁ ଜିତି ଥିବାବେଳେ ମାର୍ଟିନଙ୍କ ସ୍ତ୍ରୀ ଲିମା ରୋଜ୍ ମାର୍ଟିନ୍ ଏଆଇଡିଏମ୍‌କେ ପକ୍ଷରୁ ଲାଲଗୁଡି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭ କରିଛନ୍ତି । ଗତବର୍ଷ ଡିସେମ୍ବର ମାସରେ କାମରାଜ ମାର୍ଟିନ୍‌ଙ୍କ ପୁଅ ଜୋଶ୍ ଚାଲ୍‌ର୍ସ ମାର୍ଟିନ୍ ପୁଡୁଚେରୀର ଏଲଜେକେ ଦଳ ଗଢ଼ିଥିଲେ । ଏହି ଦଳ ଏନ୍‌ଡିଏ ସହଭାଗୀ ଦଳ ଭାବେ ପୁଡୁଚେରୀରେ ୨ଟି ଆସନରେ ପ୍ରାର୍ଥୀ ଦେଇଥିଲା । ନିଜେ କାମରାଜନଗର ନିର୍ବାଚନମଣ୍ଡଳୀରେ ଲଢ଼ି ଜୋଶ୍ ମାର୍ଟିନ୍ ବିଜୟୀ ହୋଇଛନ୍ତି ।

## ଘରୋଇ ସହାୟିକାରୁ ବିଧାୟିକା

ପଶ୍ଚିମବଙ୍ଗ ଗୁସ୍କରା ଅଞ୍ଚଳରେ ଘରୋଇ ସହାୟିକା ଭାବେ କାମ କରୁଥିବା କଲିତା ମାଝୀ ପାଲଟିଛନ୍ତି ବିଧାୟିକା । ବିଜେପି ଟିକେଟ୍‌ରେ ଔସଗ୍ରାମ ଆସନରେ ଲଢ଼ି ବିଜୟୀ ହୋଇଛନ୍ତି କଲିତା । କଲିତାଙ୍କ ଭଳି ମହିଳାଙ୍କୁ ପ୍ରାର୍ଥୀ କରି ବିଜେପି ପଶ୍ଚିମବଙ୍ଗରେ ତୃଣମୂଳ ସ୍ତରରେ ବା ଶ୍ରମିକ ସ୍ତରରେ କାମ କରୁଥିବା ଲୋକଙ୍କୁ ମଧ୍ୟ ସମାନ ସୁଯୋଗ ଦେଇଛି । ଗୁସ୍କରା ମ୍ୟୁନିସିପାଲିଟି ଅଞ୍ଚଳରେ ରହୁଥିବା କଲିତା ରାଜନୀତିକୁ ଆସିବା ପୂର୍ବରୁ ୪ ଜଣଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ । ତେବେ ୨୦୨୧ରେ ସେ ଟିଏମ୍‌ସିର ଅଭେଦାନନ୍ଦଙ୍କ ଠାରୁ ୧୧,୮୧୫ ଭୋଟ୍‌ରେ ହାରିଯାଇଥିଲେ । କିନ୍ତୁ ଭାରତୀୟ ଜନତା ପାର୍ଟି ତାଙ୍କୁ ପୁଣିଥରେ ଲଢ଼ିବାର ସୁଯୋଗ ଦେଲା ଓ ସେ ବିଜୟୀ ହେଲେ ।

# ନିଜ ଆସନରେ ହାରିଥିବା ମୁଖ୍ୟମନ୍ତ୍ରୀ











ପଶ୍ଚିମବଙ୍ଗ ଓ ତାମିଲନାଡୁ ନିର୍ବାଚନରେ ଶାସକ ଦଳ କେବଳ କ୍ଷମତାରୁ ଯାଇନି ବରଂ ଶାସକ ଦଳର ମୁଖିଆ ବି ନିଜ ବିଧାନସଭା ନିର୍ବାଚନମଣ୍ଡଳୀରେ ହାରି ଯାଇଛନ୍ତି । ମମତା ବାନାର୍ଜୀ ଓ ଏମକେ ଷ୍ଟାଲିନଙ୍କଠାରୁ ତାଙ୍କ ନିର୍ବାଚନମଣ୍ଡଳୀ ଲୋକେ ବି ମୁହଁ ଫେରାଇ ନେଇଛନ୍ତି ।

ଅବଶ୍ୟ ଏମାନଙ୍କ ପୂର୍ବରୁ ବହୁ ମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନମଣ୍ଡଳୀରେ ହାରି ଯାଇଥିଲେ । ଗତଥର ପଶ୍ଚିମବଙ୍ଗ ନିର୍ବାଚନରେ ମମତା ବାନାର୍ଜୀ ନନ୍ଦିଗ୍ରାମରୁ ପରାସ୍ତ ହୋଇଥିଲେ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତ ମଧ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ଠାରୁ ହାରିଥିଲେ । ପରେ ଅରବିନ୍ଦ କେଜ୍ରିୱାଲ ମଧ୍ୟ ନୂଆଦିଲ୍ଲୀରୁ ହାରିଥିଲେ । ଅବଶ୍ୟ ସେତେବେଳେ ସେ ମୁଖ୍ୟମନ୍ତ୍ରୀ ନଥିଲେ । କିନ୍ତୁ ଦଳର ମୁଖ୍ୟ ଓ ଦିଲ୍ଲୀ ବିଧାନସଭା ନିର୍ବାଚନର ସେ ହିଁ ପ୍ରମୁଖ ଚେହେରା ଥିଲେ । ୨୦୨୪ ନିର୍ବାଚନରେ ନବୀନ ପଟ୍ଟନାୟକ ଦୁଇଟି ସ୍ଥାନରୁ ଲଢ଼ିଥିଲେ । କିନ୍ତୁ ପ୍ରଥମ ଥର ପାଇଁ ସେ ଓଡ଼ିଶା ନିର୍ବାଚନରେ ହାରି ଯାଇଥିଲେ । ନିଜେ ଲଢ଼ିଥିବା ଦୁଇଟି ସ୍ଥାନରୁ ଗୋଟିକରେ ପରାଜୟର ସାମ୍ନା କରିଥିଲେ । ୨୦୨୨ରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ମଧ୍ୟ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଆମ ଆଦମୀ ପାର୍ଟିର ପ୍ରାର୍ଥୀଙ୍କ ଠାରୁ ପରାଜୟ ବରଣ କରିଥିଲେ । ସେହିପରି ୨୦୨୨ରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ନିଜ ବିଧାନସଭା ନିର୍ବାଚନମଣ୍ଡଳୀ ଖାତିମାରୁ ପରାସ୍ତ ହୋଇଥିଲେ ।

ଅପରପକ୍ଷରେ ଅନେକ ନେତା ଐତିହାସିକ ପରାଜୟ ବରଣ କରିଛନ୍ତି । ୧୯୯୬ରେ ତାମିଲନାଡୁରେ ଜେ ଜୟଲଳିତା ହାରି ଯାଇଥିଲେ । ୨୦୦୯ରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଶିବୁ ସୋରେନ୍ ତାମର ଉପନିର୍ବାଚନରେ ହାରିଯିବାରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ବାଧ ହୋଇଥିଲେ । ଗୋଆ ମୁଖ୍ୟମନ୍ତ୍ରୀ ଥିବା ଲକ୍ଷ୍ମୀକାନ୍ତ ପାର୍ସେକର ମଧ୍ୟ ୨୦୧୭ରେ ମାଣ୍ଡ୍ରେମ ଆସନରୁ ପରାଜୟ ବରଣ କରିଥିଲେ । ଅପରପକ୍ଷରେ ୧୯୯୬ରେ କେରଳର ହେଭିୱେଟ୍ ନେତା ଭିଏସ ଅଚ୍ୟୁତାନନ୍ଦନ ଦଳୀୟ ଅନ୍ତଃକନ୍ଦଳ ପାଇଁ ପରାଜୟର ସାମ୍ନା କରିଥିଲେ । ସେହିପରି ମାଡ୍ରାସ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ପିଏସ କୁମାରସ୍ୱାମୀ ରାଜା ସ୍ୱାଧୀନ ଭାରତର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ନିଜ ଆସନରୁ ପରାସ୍ତ ହୋଇଥିଲେ ।



## ବଙ୍ଗ ମୁଖ୍ୟମନ୍ତ୍ରୀ ବାଛିବେ ଶାହ ଓ ମୋହନ

କିଏ ହେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ? ବଙ୍ଗରେ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ହିଁ ନିର୍ବାଚନ ଲଢୁଥିଲା । ତେବେ ଦଳ ଡବଲ ସେଞ୍ଚୁରୀ ମାରିଥିବାରୁ ଏବେ ମୁଖ୍ୟମନ୍ତ୍ରୀ ରେସରେ ଅନେକଙ୍କ ନାମ ଶୁଣିବାକୁ ମିଳୁଛି । ସର୍ବାଗ୍ରେ ଅଛନ୍ତି ଶୁଭେନ୍ଦୁ ଅଧିକାରୀ । ସେହିପରି ସମିକ ଭଟ୍ଟାଚାର୍ଯ୍ୟ, ଦିଲ୍ଲୀପ ଘୋଷ, ରୂପା ଗାଙ୍ଗୁଲୀ ଓ ଅଗ୍ନିମିତ୍ର ପାଓଲଙ୍କ ନାମ ବି ଚର୍ଚ୍ଚାରେ ରହିଛି । ମୁଖ୍ୟମନ୍ତ୍ରୀ ଚୟନ ପାଇଁ କେନ୍ଦ୍ରୀୟ ବିଜେପି ସଂସଦୀୟ ବୋର୍ଡ଼ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଦାୟିତ୍ୱ ଦେଇଛି । ଶାହ ପର୍ଯ୍ୟବେକ୍ଷକ ଥିବାବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହ ପର୍ଯ୍ୟବେକ୍ଷକ ରହିଛନ୍ତି । ପଶ୍ଚିମବଙ୍ଗ ବିଜୟରେ ଓଡ଼ିଶାର ନେତାମାନଙ୍କ ବି ବହୁତ ବଡ଼ ଯୋଗଦାନ ରହିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ସେଠାରେ ପ୍ରଚାରର ମଙ୍ଗ ଧରିଥିଲେ । ସେହିପରି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ସମ୍ପଦ ସ୍ୱାଇଁ, ମୁକେଶ ମହାଲିଙ୍ଗ, ବିଭୂତି ଜେନା, ଗୋକୁଳାନନ୍ଦ ମଲ୍ଲିକ, କୃଷ୍ଣଚନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ଲିକୁ ସାହୁ, ଅମର ନାୟକ, ବାବୁ ସିଂ, ସିଦ୍ଧାନ୍ତ ମହାପାତ୍ର, ମାନସ ଦତ୍ତ, ପ୍ରଶାନ୍ତ ଜଗଦ୍ଦେବ, ଟଙ୍କଧର ତ୍ରିପାଠୀଙ୍କ ଠାରୁ ନେଇ ପ୍ରାୟ ତିନି ଡଜନ ବିଧାୟକ ସେଠାରେ ଡେରା ପକାଇଥିଲେ ।



## ଆରଜି କର ପୀଡ଼ିତାଙ୍କ ମା' ରତ୍ନା

ଏକଦା ସାରା ଦେଶରେ ଆରଜି କର ହସପିଟାଲରେ ମେଡ଼ିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ଚର୍ଚ୍ଚା ସୃଷ୍ଟି କରିଥିଲା । ଏଥର ନିର୍ବାଚନରେ ବିଜେପି ଟିକେଟରେ ମଇଦାନକୁ ଓହ୍ଲାଇଥିଲେ ମୃତ ପୀଡ଼ିତାଙ୍କ ମା' ରତ୍ନା ଦେବନାଥ । ପାନିହାଟିରୁ ସେ ନିର୍ବାଚନ ଲଢୁଥିବାବେଳେ ତାଙ୍କ ପାଇଁ ପ୍ରଚାର କରିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନିର୍ବାଚନରେ ରତ୍ନା ବାଜିମାତ୍ କରିଛନ୍ତି ।

## ହେଭିୱେଟ୍‌ଙ୍କୁ ହରାଇଲେ ଅଟୋ ଡ୍ରାଇଭର

କେ ବିଜୟଧାମୁ । ଦିନେ ଥିଲା ଅଟୋ ଡ୍ରାଇଭର, ଆଉ ଆଜି ସେ ବିଧାୟକ । ରୋୟାପୁରମ୍ ବିଧାନସଭା ଆସନରେ ସେ ୫୫ ହଜାରରୁ ଅଧିକ ଭୋଟ୍ ପାଇଛନ୍ତି । ତାଙ୍କ ବିରୋଧରେ ଲଢୁଥିଲେ ଏଡ଼ିଏମକେର ହେଭିୱେଟ୍ ନେତା ତଥା ୫ ଥରର ବିଧାୟକ ଡି ଜୟକୁମାର । ସେହିପରି ଡିଏମକେରୁ ଲଢୁଥିଲେ ପୂର୍ବତନ ମନ୍ତ୍ରୀ ରେହମାନ ଖାନଙ୍କ ପୁଅ ସୁବେର ଖାନ୍ । ଦୁଇ ହେଭିୱେଟଙ୍କୁ ପରାସ୍ତ କରି ସେ ଏବେ ଚର୍ଚ୍ଚାରେ । ବିଜୟଙ୍କ ଫ୍ୟାନ୍ କ୍ଲବ ବିଜୟ ମକ୍କଲ ଇୟାକ୍କମରେ ସେ କାମ କରୁଥିଲେ । ତେବେ ଟିଭିକେ ଏଥର ତାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା । ୧୯୯୧ରୁ ଜୟକୁମାରଙ୍କ ଗଡ଼ରେ ତାଙ୍କୁ ଖାଲି ହରାଇନାହାନ୍ତି, ବରଂ ତିନି ନମ୍ବର ସ୍ଥାନକୁ ଠେଲି ଦେଇଛନ୍ତି ।

# ବଙ୍ଗ ନିର୍ବାଚନ ୧୯୫୨ରୁ ଏଯାଏଁ

ଚିତ୍ତରଞ୍ଜନ ମହାନ୍ତି, କଟକ

## ୧୯୫୨ ନିର୍ବାଚନ

୧୯୫୨ ମସିହାର ପ୍ରଥମ ବିଧାନସଭା ନିର୍ବାଚନରୁ ଆରମ୍ଭ କରି ୨୦୨୬ ପର୍ଯ୍ୟନ୍ତ ଏହି ରାଜ୍ୟରେ ବିଭିନ୍ନ ଦଳ ଶାସନ କରିଛନ୍ତି । କଂଗ୍ରେସ, ବାଂଲା କଂଗ୍ରେସ, ବାମପନ୍ଥୀ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପର୍ଯ୍ୟାୟକ୍ରମେ କ୍ଷମତାରେ ଆସିଛନ୍ତି ।  ସ୍ୱାଧୀନତା ପରେ ପ୍ରଥମ ନିର୍ବାଚନରେ ଭାରତୀୟ ଜାତୀୟ କଂଗ୍ରେସ ୧୫୦ ଆସନ ଜିତି ସରକାର ଗଠନ କରିଥିଲା । ଡାକ୍ତର ବିଧାନ ଚନ୍ଦ୍ର ରାୟ ମୁଖ୍ୟମନ୍ତ୍ରୀ ହୋଇଥିଲେ । କଂଗ୍ରେସର ଏହି ଜୟ ରାଜ୍ୟର ଉନ୍ନୟନ ଏବଂ ସ୍ଥିରତା ପାଇଁ ମୂଳ ଆଧାର ସ୍ଥାପନ କରିଥିଲା । ବିଧାନ ରାୟ କଂଗ୍ରେସର ପ୍ରସିଦ୍ଧ ନେତା ଥିଲେ ଯିଏ କୋଲକାତାକୁ ଆଧୁନିକ ନଗରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ୧୯୫୭ ନିର୍ବାଚନ

ଦ୍ୱିତୀୟ ନିର୍ବାଚନରେ ମଧ୍ୟ କଂଗ୍ରେସ ୧୫୨ ଆସନ ଜିତି ସରକାର ଗଠନ କଲା । ବିଧାନ ଚନ୍ଦ୍ର ରାୟ ପୁନଃ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହି ସମୟରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ଦ୍ୱିତୀୟ ସ୍ଥାନରେ ରହିଥିଲା କିନ୍ତୁ କଂଗ୍ରେସର ଆଧିପତ୍ୟ ଜାରି ରହିଲା ।

## ୧୯୬୨ ନିର୍ବାଚନ

କଂଗ୍ରେସ ପୁନଃ ଜୟଲାଭ କରି ୧୫୭ ଆସନ ପାଇଥିଲା । ବିଧାନ ରାୟଙ୍କ ମୃତ୍ୟୁ ପରେ ପ୍ରଫୁଲ୍ଲ ଚନ୍ଦ୍ର ସେନ୍ ମୁଖ୍ୟମନ୍ତ୍ରୀ ହୋଇଥିଲେ । ପ୍ରଫୁଲ୍ଲ ସେନ୍ କଂଗ୍ରେସର ଏକ ପ୍ରମୁଖ ନେତା ଥିଲେ ଯିଏ କୃଷି ଏବଂ ଉଦ୍ୟୋଗ ଉନ୍ନୟନ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ନିର୍ବାଚନ କଂଗ୍ରେସର ଶେଷ ବୃହତ୍ ଜୟ ଥିଲା ।

## ୧୯୬୭ ନିର୍ବାଚନ

କଂଗ୍ରେସର ଆଧିପତ୍ୟ ଭାଙ୍ଗି ଯାଇଥିଲା । ବାଂଲା କଂଗ୍ରେସ ନେତୃତ୍ୱରେ ଯୁକ୍ତଫ୍ରଣ୍ଟ ସରକାର ଗଠନ କରିଥିଲା । ଅଜୟ କୁମାର ମୁଖାର୍ଜୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । ସିପିଆଇ(ଏମ୍) ଏହି ମୋର୍ଚ୍ଚାର ଏକ ପ୍ରମୁଖ ଅଂଶ ଥିଲା ।

## ୧୯୬୯ ନିର୍ବାଚନ

ଯୁକ୍ତଫ୍ରଣ୍ଟ ପୁନଃ ଜୟଲାଭ କରି ସରକାର ଗଠନ କଲା । ଅଜୟ ମୁଖାର୍ଜୀ ପୁନଃ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହି ସମୟରେ ରାଜ୍ୟରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିଲା । ଅପରପକ୍ଷରେ ବାମପନ୍ଥୀ ଦଳର ପ୍ରଭାବ ବଢ଼ିଥିଲା ।



## ୧୯୭୧-୧୯୭୨ ନିର୍ବାଚନ

୧୯୭୧ରେ ଯୁକ୍ତଫ୍ରଣ୍ଟ ଏବଂ କଂଗ୍ରେସ(ଆର୍) ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ୧୯୭୨ରେ କଂଗ୍ରେସ(ଆର୍) ବିପୁଳ ବିଜୟ ଲାଭ କରି ୨୧୬ ଆସନ ପାଇଥିଲା । ସିଦ୍ଧାର୍ଥ ଶଙ୍କର ରାୟ ମୁଖ୍ୟମନ୍ତ୍ରୀ ହୋଇଥିଲେ । ସିଦ୍ଧାର୍ଥ ରାୟ କଂଗ୍ରେସର ଏକ ପ୍ରଭାବଶାଳୀ ନେତା ଥିଲେ ଯିଏ ଜରୁରୀକାଳୀନ ଅବସ୍ଥା ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ୧୯୭୭ ନିର୍ବାଚନ

ସିପିଏମ୍ ନେତୃତ୍ୱରେ ବାମପନ୍ଥୀ ମୋର୍ଚ୍ଚା ବିପୁଳ ଜୟ ଲାଭ କରି ୧୭୮ ଆସନ ପାଇଥିଲା । ଜ୍ୟୋତି ବସୁ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏହା ରାଜ୍ୟରେ ବାମପନ୍ଥୀ ଶାସନର ଆରମ୍ଭ ଥିଲା । ଜ୍ୟୋତି ବସୁ ସିପିଆଇଏମ୍‌ର ପ୍ରସିଦ୍ଧ ନେତା ଥିଲେ ଯିଏ ୨୩ ବର୍ଷ ମୁଖ୍ୟମନ୍ତ୍ରୀ ରହି ଭାରତର ଦୀର୍ଘତମ ଶାସକ ହୋଇଥିଲେ ।

## ୧୯୮୨, ୧୯୮୭, ୧୯୯୧ ନିର୍ବାଚନ

ବାମପନ୍ଥୀ ମୋର୍ଚ୍ଚା ଜୟଲାଭ କରି ସରକାର ଗଠନ କଲା । ଜ୍ୟୋତି ବସୁ ମୁଖ୍ୟମନ୍ତ୍ରୀ ରହିଲେ । ଏହି ସମୟରେ ଭୂମି ସଂସ୍କାର ଏବଂ ଗ୍ରାମୀଣ ଉନ୍ନୟନ ଉପରେ ଗୁରୁତ୍ୱ ଦିଆଗଲା । ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ସିପିଆଇଏମ୍‌ର ଉଦୀୟମାନ ନେତା ହୋଇ ଉଠିଥିଲେ ।

## ୧୯୯୬, ୨୦୦୧, ୨୦୦୬ ନିର୍ବାଚନ

ବାମପନ୍ଥୀ ମୋର୍ଚ୍ଚାର ଆଧିପତ୍ୟ ଜାରି ରହିଲା । ୨୦୦୦ ମସିହାରେ ଜ୍ୟୋତି ବସୁଙ୍କ ଅବସର ପରେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ । ସିପିଆଇଏମ୍‌ର ଏହି ନେତା ଶିକ୍ଷା ଏବଂ ଉଦ୍ୟୋଗରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ ।

## ୨୦୧୧ ନିର୍ବାଚନ

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବାମପନ୍ଥୀ ଶାସନର ଅନ୍ତ କରି ବିପୁଳ ଜୟ ଲାଭ କଲା । ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଟିଏମ୍‌ସିର ପ୍ରତିଷ୍ଠାତା ମମତା ବାନାର୍ଜୀ ରାଜ୍ୟର ପ୍ରସିଦ୍ଧ ନେତ୍ରୀ ହୋଇ ଉଠିଥିଲେ ଯିଏ କୃଷକ ଆନ୍ଦୋଳନରୁ ଉଠି ଆସିଥିଲେ ।

## ୨୦୧୬ ନିର୍ବାଚନ

ଟିଏମ୍‌ସି ୨୧୧ ଆସନ ଜିତି ପୁନଃ ସରକାର ଗଠନ କଲା । ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ରହିଲେ । ଏହି ସମୟରେ ଟିଏମ୍‌ସିର ଜନକଲ୍ୟାଣମୂଳକ ଯୋଜନା ଲୋକପ୍ରିୟ ହୋଇଥିଲା ।

## ୨୦୨୧ ନିର୍ବାଚନ

ଟିଏମ୍‌ସି ୨୧୩ ଆସନ ଜିତି ତୃତୀୟ ଥର ପାଇଁ ସରକାର ଗଠନ କଲା । ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଭାରତୀୟ ଜନତା ପାର୍ଟି (ବିଜେପି) ୭୭ ଆସନ ପାଇ ବିରୋଧୀ ଦଳ ହୋଇଥିଲା । ମମତାଙ୍କ ନେତୃତ୍ୱ ଟିଏମ୍‌ସିକୁ ରାଜ୍ୟର ପ୍ରଧାନ ଦଳ କରି ରଖିଥିଲା ।

## ୨୦୨୬ ନିର୍ବାଚନ

ଚଳିତ ନିର୍ବାଚନ ପଶ୍ଚିମବଙ୍ଗ ରାଜନୀତିରେ ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ପନ୍ଦର ବର୍ଷ ଧରି କ୍ଷମତାରେ ଥିବା ଟିଏମସିକୁ ଶାସନ ଗାଦିରୁ ହଟାଇଦେଇଛି ବିଜେପି । ଜନସଂଘର ପ୍ରତିଷ୍ଠାତା ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଢ଼ିବାରେ ସଫଳ ହୋଇଛି ।

ODIA WEEKLY GARBITA ODIA



# ଇତିହାସ ପୃଷ୍ଠାରେ ତାମିଲନାଡୁ ନିର୍ବାଚନ

**ଚିତ୍ତରଞ୍ଜନ ମହାନ୍ତି, କଟକ**

ତାମିଲନାଡୁର ରାଜନୀତି ଭାରତର ଅନ୍ୟ ରାଜ୍ୟଗୁଡ଼ିକ ଠାରୁ ଭିନ୍ନ। ଏଠାରେ କଂଗ୍ରେସର ପ୍ରାରମ୍ଭିକ ଆଧିପତ୍ୟ ପରେ ଦ୍ରାଭିଡ ମୁନ୍‌ନେତ୍ର କଜଗମ (ଡିଏମ୍‌କେ) ଓ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାଭିଡ ମୁନ୍‌ନେତ୍ର କଜଗମ (ଏଆଇଏଡିଏମ୍‌କେ)ର ଆଧିପତ୍ୟ ଲାଗି ରହିଥିଲା। ତେବେ ପ୍ରାୟ ପାଞ୍ଚ ଦଶନ୍ଧି ପରେ ସେଠାକାର ରାଜନୀତି କଡ଼ ଲେଉଟାଇଛି। ଡିଏମକେ, ଏଡ଼ିଏମକେ ବଦଳରେ ତାମିଲନାଡୁବାସୀ ନୂଆ ବିକଳ୍ପ ଭାବେ ଥାଲାପତି ବିଜୟଙ୍କ ଟିଭିକେକୁ ବାଛିଛନ୍ତି।

୧୯୫୨ ମସିହାରେ ମାଦ୍ରାସ ରାଜ୍ୟରେ ପ୍ରଥମ ବିଧାନସଭା ନିର୍ବାଚନ ହୋଇଥିଲା। ସେତେବେଳେ ୩୭୫ ଆସନ ଥିଲା। କଂଗ୍ରେସ ସଂଖ୍ୟା ଗରିଷ୍ଠତା ପାଇନଥିଲେବି ୧୫୨ ଆସନ ଜିତି ସରକାର ଗଠନ କରିଥିଲା। ସି. ରାଜଗୋପାଳାଚାରୀ (ରାଜାଜୀ) ପ୍ରଥମ ମୁଖ୍ୟମନ୍ତ୍ରୀ ହୋଇଥିଲେ। ପରେ କେ. କାମରାଜ ୧୯୫୪ରୁ ୧୯୬୩ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇ ରାଜ୍ୟକୁ ନେତୃତ୍ୱ ଦେଇଥିଲେ। କାମରାଜ 'କିଙ୍ଗମେକର' ନାମରେ ପରିଚିତ ଥିବାବେଳେ 'ମଧ୍ୟାହ୍ନ ଭୋଜନ' ଯୋଜନା ଆରମ୍ଭ କରିଥିଲେ।

୧୯୫୭ ଓ ୧୯୬୨ ନିର୍ବାଚନରେ ମଧ୍ୟ କଂଗ୍ରେସ ବିଜୟୀ ହୋଇଥିଲା। କିନ୍ତୁ ୧୯୬୭ରେ ବିରାଟ ପରିବର୍ତ୍ତନ ଘଟିଲା। ଡିଏମ୍‌କେ ନେତା ସିଏନ୍ ଆନ୍ନାଦୁରାଇ (ଆନ୍ନା)ଙ୍କ ନେତୃତ୍ୱରେ ଡିଏମ୍‌କେ ୧୩୭ ଆସନ ଜିତି କଂଗ୍ରେସକୁ ପରାଜିତ କଲା। ଏହା ପ୍ରଥମ ଦ୍ରାଭିଡିୟାନ ସରକାର ଥିଲା। ଆନ୍ନା ମୁଖ୍ୟମନ୍ତ୍ରୀ ହୋଇ ରାଜ୍ୟର ନାମ ମାଦ୍ରାସରୁ ତାମିଲନାଡୁ କରିଥିଲେ ଓ ହିନ୍ଦୀ ବିରୋଧୀ ଆନ୍ଦୋଳନକୁ ମଜବୁତ କରିଥିଲେ।



କିନ୍ତୁ ୧୯୬୯ରେ ତାଙ୍କର ମୃତ୍ୟୁ ପରେ ଏମ୍. କରୁଣାନିଧି ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୭୧ ନିର୍ବାଚନରେ ଡିଏମ୍‌କେ ପୁଣି ବିପୁଳ ବିଜୟ ଲାଭ କରିଥିଲା। କିନ୍ତୁ ୧୯୭୨ରେ ଅଭିନେତା ଏମ୍.ଜି. ରାମଚନ୍ଦ୍ରନ (ଏମ୍‌ଜିଆର) ଡିଏମ୍‌କେରୁ ବାହାରି ଏଆଇଏଡିଏମ୍‌କେ ଗଠନ କରିଥିଲେ। ଜରୁରୀକାଳୀନ ପରିସ୍ଥିତି ପରେ ୧୯୭୭ ନିର୍ବାଚନରେ ଏଆଇଏଡିଏମ୍‌କେ ୧୩୦ ଆସନ ଜିତି ସରକାର ଗଠନ କଲା। ଏମ୍‌ଜିଆର ମୁଖ୍ୟମନ୍ତ୍ରୀ ହୋଇ ୧୯୭୭-୮୦, ୧୯୮୦-୮୪ ଓ ୧୯୮୪-୮୭ ପର୍ଯ୍ୟନ୍ତ ଶାସନ କରିଥିଲେ। ସେ ଲୋକପ୍ରିୟ କଲ୍ୟାଣମୂଳକ ଯୋଜନା ଯୋଗେ ଜନସାଧାରଣଙ୍କ ମନ ଜିତିଥିଲେ।

୧୯୮୭ରେ ତାଙ୍କ ମୃତ୍ୟୁ ପରେ ଜୟଲଳିତା (ଆମ୍ମା) ଏଆଇଏଡିଏମ୍‌କେର ନେତୃତ୍ୱ ନେଇଥିଲେ ଓ ପରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ୧୯୯୧-୯୬, ୨୦୦୧, ୨୦୧୧-୧୪ ଓ ୨୦୧୫-୧୬ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ।

୧୯୮୯ ରେ ଡିଏମ୍ କେ ଜିତି କରୁଣାନିଧି ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ୧୯୯୬ ଓ ୨୦୦୬ ନିର୍ବାଚନରେ ମଧ୍ୟ ଡିଏମ୍‌କେ ବିଜୟୀ ହୋଇଥିଲା। ଏହି ସମୟରେ କରୁଣାନିଧି ପାଞ୍ଚଥର ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ ସୃଷ୍ଟି କରିଥିଲେ।

୨୦୧୧ ଓ ୨୦୧୬ ନିର୍ବାଚନରେ ଏଆଇଏଡିଏମକେ ଜିତିଥିଲା। ଜୟଲଳିତାଙ୍କ ମୃତ୍ୟୁ ପରେ ଓ. ପନିରସେଲଭମ ଓ ଏଡାପ୍ପାଡି କେ. ପାଲାନିସ୍ୱାମୀ (ଇପିଏସ୍) ମୁଖ୍ୟମନ୍ତ୍ରୀ ହୋଇଥିଲେ।

୨୦୨୧ ନିର୍ବାଚନରେ ଡିଏମ୍‌କେ ସହଯୋଗୀ ଦଳଗୁଡ଼ିକ ସହ ୧୫୯ ଆସନ ଜିତିଥିଲା। ଏଥିରେ ଡିଏମକେ ଏକାକୀ ୧୩୩ ଆସନ ପାଇଥିଲା ଓ ଏମ୍‌କେ ଷ୍ଟାଲିନ୍ ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ତାମିଲନାଡୁ ରାଜନୀତିରେ ସିନେ ତାରକା



**ଚିତ୍ତରଞ୍ଜନ ମହାନ୍ତି, କଟକ**

ତାମିଲନାଡୁରେ ସିନେମା ଓ ରାଜନୀତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏଠାରେ ଫିଲ୍ମ ଷ୍ଟାରମାନେ ଜନପ୍ରିୟତାର ବଳରେ ରାଜନୈତିକ ସଫଳତା ଲାଭ କରିଛନ୍ତି ।

ପ୍ରଥମ ନିର୍ବାଚନରେ ଟିଭିକେ ପାର୍ଟି ଏକାକୀ ସର୍ବାଧିକ ଆସନ ଜିତି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହା ତାମିଲନାଡୁର ଡ୍ରାଭିଡିୟାନ୍ ରାଜନୀତିର ଦୁଇ-ଦଳୀୟ ଆଧିପତ୍ୟକୁ ଚ୍ୟାଲେଞ୍ଜ କରିଛି ।

ଏମ୍‌ଜିଆର୍ ଏହି ପରମ୍ପରାର ପ୍ରଥମ ସଫଳ ଉଦାହରଣ । ସେ ତାଙ୍କ ଫିଲ୍ମରେ ଗରିବ ଓ ଦୁର୍ବଳଙ୍କ ହିରୋ ଭାବରେ ଜନପ୍ରିୟ ହୋଇଥିଲେ । ଡିଏମକରୁ ବିଚ୍ଛିନ୍ନ ହୋଇ ସେ ଗଢ଼ିଥିଲେ ଏଆଇଡ଼ିଏମକେ । ୧୯୭୭ରୁ ୧୯୮୭ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇଥିଲେ (ସ୍ୱଳ୍ପ ସମୟର ରାଷ୍ଟ୍ରପତି ଶାସନ ବ୍ୟତୀତ) ।

ତାଙ୍କ ମୃତ୍ୟୁ ପରେ ତାଙ୍କ ସହ-ଅଭିନେତ୍ରୀ ଜୟଲଳିତା ଏଆଇଡ଼ିଏମକେର ନେତୃତ୍ୱ ନେଇ ଏକାଧିକ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ । ମୁଖ୍ୟତଃ ୧୯୯୧-୧୯୯୬, ୨୦୦୧, ୨୦୦୨-୨୦୦୬, ୨୦୧୧-୨୦୧୪, ୨୦୧୫-୨୦୧୬ ପର୍ଯ୍ୟନ୍ତ ରାଜ୍ୟକୁ ଶାସନ କରିଥିଲେ । ଏହି ଦୁଇଜଣଙ୍କ ସଫଳତା ପରେ ଅନେକ ଅଭିନେତା ରାଜନୀତିକୁ ଆସିଛନ୍ତି ।

ଭିଜୟକାନ୍ତ (କ୍ୟାପଟେନ୍) ତାଙ୍କ ଫିଲ୍ମର ମାସ୍ ଇମେଜ୍ ବ୍ୟବହାର କରି ଡିଏମଡିକେ ଗଠନ କରିଥିଲେ ଓ ବିରୋଧୀ ଦଳ ନେତା ହୋଇଥିଲେ । କମଲ୍ ହାସାନ୍ ମଧ୍ୟ ନିଜ ପାର୍ଟି ମକ୍କଲ ନିଧି ମାଇଆମ୍ ଗଠନ କରି ରାଜନୀତିରେ ସକ୍ରିୟ ଅଛନ୍ତି । ଆର୍. ସରତକୁମାର ନିଜ ପାର୍ଟି ଗଠନ କରି ବିଭିନ୍ନ ସମୟରେ ମନ୍ତ୍ରୀ ହୋଇଛନ୍ତି । ଏହା ବ୍ୟତୀତ ସୀମାନ୍, ଖୁଶବୁ ସୁନ୍ଦର୍ ପରି ଅନେକ ଅଭିନେତା ରାଜନୈତିକ ମଞ୍ଚରେ ପ୍ରଭାବ ପକାଇଛନ୍ତି ।

ତେବେ ଏମଜିଆର ଓ ଜୟଲଳିତାଙ୍କ ପରେ ଥାଲାପତି ବିଜୟ ହିଁ ନିଜ ଦମ୍‌ରେ ସରକାର ଗଢ଼ିବାରେ ସଫଳ ହୋଇଛନ୍ତି ।

# ଆନ୍ଧ୍ର ରାଜନୀତି: ବାପାଙ୍କ ପରେ ପୁଅ

ଦକ୍ଷିଣ ଭାରତରେ ଲିଗାସୀ ରାଜନୀତି ଏକ ଚିରାଚରିତ ଧାରା ଓ ପରମ୍ପରା କହିଲେ ଅତ୍ୟୁକ୍ତି ହେବନାହିଁ । ତାମିଲନାଡୁରେ କରୁଣାନିଧିଙ୍କ ପରେ ପୁଅ ଷ୍ଟାଲିନ୍‌ଙ୍କ କଥା ହେଉ ଅବା କର୍ଣ୍ଣାଟକରେ ଏଚଡ଼ି ଦେବେଗୌଡ଼ାଙ୍କ ପରେ ପୁଅ କୁମାରସ୍ୱାମୀଙ୍କ କଥା ହେଉ । ଆନ୍ଧ୍ରପ୍ରଦେଶରେ ବି ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ୱାଇ ଏସ ରାଜଶେଖର ରେଡ୍ଡୀଙ୍କ ପରେ ପୁଅ ଜଗନ ମୋହନ ରେଡ୍ଡୀ ବି ସଫଳତା ଲାଭ କରିଛନ୍ତି । ଏହି କ୍ରମରେ ଆନ୍ଧ୍ର ରାଜନୀତିରେ ଚାରି ଦଶନ୍ଧି ଧରି ପ୍ରଭାବ ବିସ୍ତାର କରି ଆସୁଥିବା ଚନ୍ଦ୍ରବାବୁ ନାଇଡୁଙ୍କ ପୁଅ ନାରା ଲୋକେଶ ଆଗାମୀ ଦିନରେ ଟିଡ଼ିପିର ମଙ୍ଗ ଧରିବେ । ଏବେ ନାଇଡୁଙ୍କୁ ୭୬ ବର୍ଷ ହୋଇଥିବାବେଳେ ଦଳର ଉତ୍ତରାଧିକାରୀ ସେ ଚୟନ କରିସାରିଛନ୍ତି । ପୁଅ ଲୋକେଶଙ୍କୁ ଦଳର କାର୍ଯ୍ୟକାରୀ ସଭାପତି କରି ସେ ଏହି ବାର୍ତ୍ତା ଦେଇଛନ୍ତି । ସେ ରାଜନୀତିରେ ସକ୍ରିୟ ଥିବାବେଳେ ହିଁ ପୁଅକୁ ଦଳର ମଙ୍ଗ ଧରାଇବାର ସୁଚିନ୍ତିତ ରଣନୀତି କରିଛନ୍ତି ।



ସମ୍ପ୍ରତି ଆନ୍ଧ୍ର ସରକାରରେ ଲୋକେଶ ଏଚଆରଡ଼ି, ଆଇଟି ଭଳି ବିଭାଗର ମନ୍ତ୍ରୀ ଥିବାବେଳେ ଗତ କିଛି ବର୍ଷ ଧରି ଦଳର ଆଭ୍ୟନ୍ତରୀଣ କଥାବି ବୁଝାଶୁଝା କରି ଆସୁଛନ୍ତି । ୨୦୨୫ ଜାନୁଆରୀରେ ଟିଡ଼ିପିର ସଭ୍ୟ ସଂଖ୍ୟା ୧ କୋଟି ପହଁଚିଥିବାବେଳେ ଏଦିଗରେ ଲୋକେଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆଗାମୀ ଦିନରେ ଲୋକେଶ ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି ଆନ୍ଧ୍ର ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି । ଜଗନ ଯେଭଳି ନିଜ ବାପାଙ୍କ ଲିଗାସୀକୁ ଆଗକୁ ନେବା ସହ ଆନ୍ଧ୍ର ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରି ପାରିଛନ୍ତି ଠିକ୍ ସେଭଳି ଲୋକେଶ ବି ଲୋକପ୍ରିୟ ହୁଅନ୍ତୁ ବୋଲି ନାଇଡୁ ଚାହୁଁଛନ୍ତି ।

## ଲୋକେଶଙ୍କ ପାଇଁ ଆହ୍ୱାନ

ନାଇଡୁଙ୍କ ଭଳି ବରିଷ୍ଠ ନେତା ଓ ପାର୍ଟି କ୍ୟାଡ଼ର ତାଙ୍କ ପ୍ରତି ବିଶ୍ୱସ୍ତ ହେବା

ଏନଡ଼ିଏ ସହଯୋଗୀ ବିଜେପି ଓ ଜନ ସେନା ସହ ମଜବୁତ୍ ମେଣ୍ଟ କରି ୨୦୨୯ରେ ଜଗନଙ୍କ ୱାଇଏସଆରର ସାମ୍ନା କରିବା

ଲୋକେଶ ନିଜକୁ ନିଯୁକ୍ତି ସୃଷ୍ଟିକାରୀ ବୋଲି ଅଭିହିତ କରୁଥିବାବେଳେ ୨୦୨୯ ପର୍ଯ୍ୟନ୍ତ ପ୍ରତିଶ୍ରୁତି ପୂରଣ କରିବା

୨୦୨୯ରେ ମୁଦ୍ରାସ୍ଫୀତି, ବିଜୁଳି ବିଲ୍ ଓ ଗ୍ରାମୀଣ ବିକାଶ ନିର୍ବାଚନର ପ୍ରମୁଖ ପ୍ରସଙ୍ଗ ହେବ । ଏବେଠାରୁ ସେଦିଗରେ ଯତ୍ନବାନ ହେବା ବି ଏକ ଆହ୍ୱାନ ।

ଅମରାବତୀ କ୍ୟାପିଟାଲ ସିଟି ପ୍ରୋଜେକ୍ଟ ଓ ପୋଲାଭରମ୍ ଜଳସେଚନ

# ନବୀନଙ୍କ ଟେନସନ ବଢାଉଛନ୍ତି ଦିଲ୍ଲୀପ




୨୦୨୪ ନିର୍ବାଚନ ପରେପରେ ଦିଲ୍ଲୀପ ରାୟଙ୍କର ସୋର ଶବ୍ଦ ନଥିଲା । ସମସ୍ତେ କହୁଥିଲେ, ରାଜନୀତି ପ୍ରତି ଦିଲ୍ଲୀପଙ୍କର ମୋହ ଛାଡ଼ିଯାଇଛି । ସେ ଏବେ କେବଳ ନିଜର ବ୍ୟବସାୟ ଉପରେ ଧ୍ୟାନ ଦେଉଛନ୍ତି । କିନ୍ତୁ ଗତ ରାଜ୍ୟସଭା ନିର୍ବାଚନର କିଛି ମାସ ପୂର୍ବରୁ ରାଜ୍ୟ ରାଜନୀତିରେ ପୁଣି ସକ୍ରିୟ ହେବା ଆରମ୍ଭ କରିଥିଲେ ଦିଲ୍ଲୀପ । ସଂଖ୍ୟା ନଥାଇବି ନିଜ ଦମ୍ ଓ ବିଜେପି ସହଯୋଗରେ ସେ ରାଜ୍ୟସଭା ନିର୍ବାଚନ ଜିଣିବା ପରେ, ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି । ତେବେ ରାଜ୍ୟସଭା ନିର୍ବାଚନରେ ବାଜିମାତ୍ କରିବା ପରେ ଦିଲ୍ଲୀପ ତାଙ୍କ ଆଗାମୀ ରାଜନୀତିର ରହସ୍ୟ ପେଡ଼ି ଖୋଲିଥିଲେ । ଯାହାକି ଉଭୟ ବିଜେଡ଼ି ଓ ବିଜେପି ଅଳିନ୍ଦରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ପ୍ରଥମେ ଅନୁମାନ କରାଯାଉଥିଲା, ବିଜେଡ଼ି-କଂଗ୍ରେସକୁ ଝଟକା ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସଭାପତି ମନମୋହନ ସାମଲ ହିଁ ଦିଲ୍ଲୀପଙ୍କୁ ପ୍ରାର୍ଥୀ କରିଥିଲେ । ହେଲେ ବିଜୟ ଓ ଦିଲ୍ଲୀପ ଗଣମାଧ୍ୟମକୁ ଯାହା କହିଲେ ତାହା ନିଶ୍ଚିତ ଭାବେ ଚର୍ଚ୍ଚାର ବିଷୟ ଥିଲା । ରାଜ୍ୟସଭା ନିର୍ବାଚନର ୩ ମାସ ପୂର୍ବରୁ ଏନେଇ ବିଜୟ-ଦିଲ୍ଲୀପ ଗୋଟିଚାଳନା କରୁଥିଲେ । ଦିଲ୍ଲୀପ ଏନେଇ ଅମିତ ଶାହଙ୍କ ସହ କଥା ବି ହୋଇଥିଲେ । ଅତଏବ ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ଇଙ୍ଗିତରେ ଦିଲ୍ଲୀପ ଗୋଟିଚାଳନା କରୁଥିଲେ । ଖାଲି ସେତିକିନୁହେଁ ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ଦିଲ୍ଲୀପଙ୍କ ସିଲିଗୁରି ଟି' ରିସୋର୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ଭେଟଘାଟ ବି ଚର୍ଚ୍ଚା ସୃଷ୍ଟି କରିବା ସ୍ୱାଭାବିକ । ଯାହାକି ଏବେବି ରାଜ୍ୟ ବିଜେପି ପାଇଁ ଅବୁଝା ହୋଇ ରହିଯାଇଛି । ସେପଟେ ରାଜ୍ୟସଭା ନିର୍ବାଚନରେ ଜଣେ ଅଧେ ନୁହେଁ, ୧୧ ବିଧାୟକଙ୍କୁ ନିଜ ପଟକୁ ଆଣି ମୋଦି-ଶାହଙ୍କ ନିକଟରେ ରାଜନୀତିକ ଦକ୍ଷତାକୁ ବି ପ୍ରତିପାଦିତ କରିଛନ୍ତି ।

ଏସବୁ ଭିତରେ ଓଡ଼ିଶା ନାଗରିକ ମଞ୍ଚର ଆବିର୍ଭାବ ବିଜେଡ଼ି ଶିବିରରେ କମ୍ପନ ସୃଷ୍ଟିକରିଛି । ପ୍ରଥମତଃ ଦଳର ୮ ବିଧାୟକ ଦିଲ୍ଲୀପଙ୍କ ସପକ୍ଷକୁ ଢଳିଥିବାବେଳେ ଏବେ ଓଡ଼ିଶା ନାଗରିକ ମଞ୍ଚରେ ବିଭିନ୍ନ ଅଞ୍ଚଳର ଛୋଟ ବଡ଼ ବିଜେଡ଼ି ନେତାମାନେ ସାମିଲ୍ ହେବାରେ ଲାଗି ପଡ଼ିଛନ୍ତି । ସେହିପରି ବିଜେଡ଼ିରୁ କୋଣଠେସା ହୋଇ ଯାଇଥିବା ସବୁ ନେତାଙ୍କୁ ବିଜୟ-ଦିଲ୍ଲୀପ ଏକାଠି କରୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ନେତା ପୂର୍ବରୁ ବିଧାୟକ ଓ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ସମସ୍ତଙ୍କର ନିଜ ନିଜ ନିର୍ବାଚନମଣ୍ଡଳୀରେ ପାଞ୍ଚ ଦଶ ହଜାର ଭୋଟ୍ ବି ରହିଛି । ନାଗରିକ ମଞ୍ଚ ସହ ସୌମ୍ୟରଞ୍ଜନ ଯୋଡ଼ି ହୋଇ ଯାଇଥିବାବେଳେ ଜାନକୀ ଲିଗାସୀ ନେତାମାନେ ବି ଧିରେଧିରେ ନାଗରିକ ମଞ୍ଚ ଆଡ଼କୁ ଆସୁଥିବା ଲକ୍ଷ୍ୟ କରାଯାଉଛି । କିଛି ନେତା ବିଜୟ-ଦିଲ୍ଲୀପ-ସୌମ୍ୟଙ୍କ ମଞ୍ଚରେ ସିଧାସଳଖ ଯୋଡ଼ି ହୋଇନଥିଲେବି ବାହାରେ ରହି ବଳ ଦେଉଛନ୍ତି । ଓଡ଼ିଶା ଜନତା କଂଗ୍ରେସର ନେତା ମହମ୍ମଦ ମୋକିମ୍ ବି ସେମାନଙ୍କ ସହ ଭଲ ସମ୍ପର୍କ ରଖିଛନ୍ତି । ବିଜେଡ଼ିରେ ଅସ୍ଥିରତା ଲାଗି ରହିଥିବାରୁ ଏହି ମଉକାରେ ମଞ୍ଚକୁ ମଜବୁତ୍ କରିବା ପାଇଁ ଦିଲ୍ଲୀପ ରାୟ ବି ଏସି ରୁମ୍ ଛାଡ଼ି ବିଭିନ୍ନ ଅଞ୍ଚଳ ବୁଲିବା ଆରମ୍ଭ କରିଛନ୍ତି । କେବେ ଖଣ୍ଡପଡ଼ା ତ କେବେ କଟକ, କେବେ ବାଲେଶ୍ୱର ତ କେବେ ବାରିପଦା ଗସ୍ତ କରି ପୁରୁଣା ଜନତା ଦଳର ନେତାଙ୍କୁ ଏକାଠି କରୁଛନ୍ତି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ନାଗରିକ ମଞ୍ଚକୁ ଆହୁରି ସଶକ୍ତ କରିବାକୁ ରଣନୀତି ହୋଇଛି । ଖୁବଶୀଘ୍ର ବ୍ଲକୱାରୀ ବୈଠକ ବି ଆରମ୍ଭ ହେବ । ବିଜୟ-ଦିଲ୍ଲୀପଙ୍କ ଆକ୍ରମଣାତ୍ମକ ରଣନୀତି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ମୁଣ୍ଡବ୍ୟଥାର କାରଣ ହେବା ସ୍ୱାଭାବିକ ।

# ରେଡ୍ଡୀ... ସେଟ୍... ଗୋ...

## ମନମୋହନଙ୍କ ସିଗନାଲକୁ ପ୍ରଭାତଙ୍କ ଅପେକ୍ଷା



କଟକର ଜନପ୍ରିୟ ଓ ଦକ୍ଷ ସଂଗଠକ ହେଉଛନ୍ତି ପ୍ରଭାତ ବିଶ୍ୱାଳ । ଏକଥା ତାଙ୍କ ନିନ୍ଦୁକ ବି ସ୍ୱୀକାର କରନ୍ତି । ଅନେକ ଦିନ ଧରି ଶଙ୍ଖ ଫୁଙ୍କିଫୁଙ୍କି ନୟାନ୍ତ ହୋଇଯିବା ପରେ ଏବେ ସେ ପଦ୍ମ ପୋଖରୀରେ ବୁଡ଼ ପକାଇବାକୁ ରେଡ୍ଡୀ ହୋଇ ବସିଛନ୍ତି । ଏବେ କେବଳ ମନମୋହନଙ୍କ ସିଗନାଲକୁ ଅପେକ୍ଷା । ଯେଉଁଦିନ ମୋହନ-ମନମୋହନ ହୁଇସିଲ୍ ମାରିବେ, ସେଇଦିନ ପ୍ରଭାତ ବାବୁ ବିଜେପିରେ ସାମିଲ୍ ହେବେ । ଯା ପୂର୍ବରୁ ପ୍ରଭାତ ସବୁରକମ ପ୍ରସ୍ତୁତି ସାରି ସାରିଛନ୍ତି । ପ୍ରଥମେ ରୁଦ୍ଧଦ୍ୱାର ବୈଠକରେ ସମର୍ଥକଙ୍କ ସହ ଆଲୋଚନା କଲେ । ଚିଟଫଣ୍ଡ କଳଙ୍କରୁ ମୁକ୍ତ ହେବା ପାଇଁ ହାଇକୋର୍ଟରେ ଆବେଦନ ବି କରି ସାରିଛନ୍ତି । ଆଉ ଶେଷକୁ ସେ ନିଜର ଶକ୍ତି ପ୍ରଦର୍ଶନ ବି କରିଛନ୍ତି । ନିକଟରେ ପ୍ରଭାତ ନିଜର ସମର୍ଥକମାନଙ୍କୁ ନେଇ ଏକ ବଡ଼ ସମାବେଶଟେ ବି କରିଛନ୍ତି । ଅବଶ୍ୟ ସମାବେଶରେ ଆକଳନ ମୁତାବକ ସମାଗମ ହେଲାନି, ତଥାପିବି ସମାବେଶକୁ ବିଫଳ ବୋଲି କୁହାଯାଇପାରିବନି । ପ୍ରଭାତଙ୍କ ସଭାରେ ଚୌଦ୍ୱାର ମୁନିସପାଲଟିର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ସୁବ୍ରତ ସାମଲ, ଆଶୁତୋଷ ଦାସ, ସିଏମସି କର୍ପୋରେଟର ସୁବ୍ରତ ଘଡ଼େଇ, ଅରବିନ୍ଦ ଜେନା, ଅରବିନ୍ଦ ଜେନା, ବିଶ୍ୱବନ୍ଦିତା ପଣ୍ଡା, ଯତୀନ ବେହେରା ବି ସାମିଲ୍ ହୋଇଥିଲେ । ସେହିପରି କିଛି ବିଜେଡ଼ି ନେତା, ସରପଞ୍ଚ, ସମିତିସଭ୍ୟ ବି ପ୍ରଭାତଙ୍କୁ ସମର୍ଥନ କରିଛନ୍ତି । କିଛି ନେତା ପ୍ରଭାତଙ୍କ ସଭାରେ କିଛି ସମୟ ରହି ଚାଲି ଯାଇଥିଲେ । ଅପରପକ୍ଷରେ ପ୍ରଭାତଙ୍କୁ କାଉଣ୍ଟର କରିବା ପାଇଁ ବିଜେଡ଼ି ବି ଏକ ସଭା ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛି । ଏସବୁ ଭିତରେ ସବୁଠାରୁ ବଡ଼ କଥାଟି ହେଉଛି, ୨୦୨୯ରେ ସେ ନିଜେ ନିର୍ବାଚନ ଲଢ଼ିବେ ବୋଲି ପ୍ରଭାତ ବିଶ୍ୱାଳ ସଂକେତ ଦେଇଛନ୍ତି । ବିଜେଡ଼ି ତାଙ୍କୁ ଅଟକାଇବା ପାଇଁ ପୁଅ ସୌଭିକଙ୍କୁ ହିଁ ମୋହରା କରିଥିଲା । ସୌଭିକଙ୍କ ଅନିଚ୍ଛା ସତ୍ତ୍ୱେ ଦଳ ତାଙ୍କୁ ଦୁଇଥର ଟିକେଟ୍ ଦେଇଥିଲା । କିନ୍ତୁ ୨୦୨୯ରେ ସୌଭିକ ଆଉ ନିର୍ବାଚନ ଲଢ଼ିବେ ନାହିଁ । ତାଙ୍କ ବଦଳରେ ପ୍ରଭାତ ହିଁ ବିଧାନସଭାକୁ ଯିବେ ବୋଲି ତାଙ୍କର ସମର୍ଥକମାନେ କହିଛନ୍ତି ।

ଗର୍ବିତ ଓଡ଼ିଆ

# ଉମରକୋଟରେ ବଢୁଛି ନିତ୍ୟାନନ୍ଦଙ୍କ କ୍ରେଜ୍

ଉମରକୋଟରେ ଏବେ ଚାଲିଛି ବିଜେପି ରାଜ୍। ବିଜେଡ଼ି-ବିଜେପି ମେଣ୍ଟ ସମୟରେ ଏହି ଆସନଟି ବିଜେପି ହାତରେ ଥିବାରୁ ସେଠାରେ ବିଜେପି ଫାଇଦା ନେବାରେ ଲାଗିଛି। ୨୦୦୪ରେ ବିଜେପି ନେତା ଧରମୁ ଗଣ୍ଡ ବାଜିମାତ୍ କରିଥିଲେ। ତେବେ ମେଣ୍ଟ ଭାଙ୍ଗିବା ପରେ ଜଗବନ୍ଧୁ ମାଝୀ ୨୦୦୯ରେ ବିଜେଡ଼ି ଖାତା ଖୋଲିଲେ। ମାଓବାଦୀଙ୍କ ଆକ୍ରମଣରେ ମୃତ୍ୟୁ ବରଣ କରିବା ପରେ ଜଗବନ୍ଧୁଙ୍କ ସହଯୋଗୀ ସୁବାସ ଗଣ୍ଡ ଉପନିର୍ବାଚନରେ ବାଜିମାତ୍ କରି ବିଧାନସଭା ଆସିଥିଲେ। ସାଂଗଠନିକ ଦକ୍ଷତା ପାଇଁ ନୁହେଁ, ବରଂ ବିଜେଡ଼ି ବ୍ରାଣ୍ଡରେ ୨୦୧୧ ଓ ୨୦୧୪ରେ ସେ ଜିତିଥିଲେ। କିନ୍ତୁ ୨୦୧୯ରେ ନିତ୍ୟାନନ୍ଦ ଗଣ୍ଡଙ୍କ ଠାରୁ ସୁବାସ ହାରିବା ପରେ ଦଳ ୨୦୨୪ରେ ତାଙ୍କୁ ଆଉ ଟିକେଟ୍ ଦେଇନଥିଲା। ଗାଏମୋଟ୍ କହିଲେ ସୁବାସ ବିଜେଡ଼ି ରାଜନୀତିରେ ଆଉ ପ୍ରାସଙ୍ଗିକତା ରଖିନାହାନ୍ତି। ସେପଟେ ୨୦୨୪ରେ ନିତ୍ୟାନନ୍ଦଙ୍କ ବିରୋଧରେ ଲଢ଼ି ବିଜେଡ଼ିର ନବୀନା ନାୟକ ବି ପରାଜୟ ବରଣ କରିଛନ୍ତି। ସମ୍ପ୍ରତି ନିତ୍ୟାନନ୍ଦ ଆଉ ସାଦା ବିଧାୟକ ହୋଇ ରହିନାହାନ୍ତି। ଏସସି ଏସଟି ଓ ବିଦ୍ୟାଳୟ ଗଣଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଅଛନ୍ତି। ସେ ମନ୍ତ୍ରୀ ହେବାପରେ ଅନେକ ବିଜେଡ଼ି ନେତା ଓ କର୍ମୀ ତାଙ୍କ ସହ ସ୍ୱାଭାବିକ ଭାବେ ଯୋଗସୂତ୍ରରେ ରହିଛନ୍ତି। ଫଳରେ ଦିନକୁ ଦିନ ନିତ୍ୟାନନ୍ଦଙ୍କ ପଲା ଭାରି ହେବାରେ ଲାଗିଛି।

ଏମିତିବି ଆଦିବାସୀ ବହୁଳ ଅଞ୍ଚଳ ହୋଇଥିଲେବି ଉମରକୋଟରେ କଂଗ୍ରେସ ଅପେକ୍ଷା ସବୁବେଳେ ଅଣକଂଗ୍ରେସ ଦଳ ଦବଦବା ଜାହିର କରିଆସୁଛି। ୧୯୫୭ରେ ସେଠାରୁ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟ ବାଜିମାତ୍ କରିଥିଲେ। କିନ୍ତୁ ୧୯୫୯ ଉପନିର୍ବାଚନରେ ଗଣତନ୍ତ୍ର ପରିଷଦର ଅବଦୁର ରହେମାନ ନିର୍ବାଚନ ଜିଣିଥିଲେ। ୧୯୬୧ ଓ ୧୯୬୭ରେ ସଦାଶିବ ତ୍ରିପାଠୀ ବାଜିମାତ୍ କରିଥିଲେ। ଏକଦା ସେ ଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଏଥିରୁ ଉମରକୋଟ କିଭଳି ରାଜ୍ୟ ରାଜନୀତିରେ ପ୍ରାସଙ୍ଗିକତା ରଖିଥିଲା ସହଜରେ ଅନୁମାନ କରାଯାଇପାରେ। ଏହାପରେ ସେଠାରେ ଆରମ୍ଭ ହୋଇଥିବା ରବି ସିଂ ମାଝୀଙ୍କ ରାଜ୍। ୧୯୭୧, ୧୯୭୪ ଓ ୧୯୭୭ରେ ସେ ହାଟ୍ରିକ ବିଜୟ ହାସଲ କରିଥିଲେ। ୧୯୮୦ ଓ ୧୯୮୫ରେ ପରମା ପୂଜାରୀ ବିଧାୟକ ହୋଇଥିବାବେଳେ ୧୯୯୦ରେ ପୁଣି ଜନତା ଦଳ ନେତା ଗୁରୁବାରୀ ମାଝୀ ବିଜୟୀ ହୋଇଥିଲେ। ୧୯୯୫ ଓ ୨୦୦୦ରେ ପରମା ପୂଜାରୀ କଂଗ୍ରେସ ଟିକେଟରୁ ବିଜୟୀ ହୋଇଥିଲେ। ଉମରକୋଟରୁ ସେ ସର୍ବାଧିକ ୪ ଥର ବାଜିମାତ୍ କରିବାରେ ସଫଳ ହୋଇଛନ୍ତି। ଏହା ପରଠାରୁ ଆଉ କଂଗ୍ରେସ ଉମରକୋଟରେ ଜିଣିପାରିନାହିଁ। ଫଳରେ ଧିରେଧିରେ କଂଗ୍ରେସ ତଳକୁ ତଳ ଖସିବାରେ ଲାଗିଛି।



୨୦୨୪ ବିଧାନସଭା ନିର୍ବାଚନରେ ନିତ୍ୟାନନ୍ଦ ଗଣ୍ଡ ୭୦୧୭୦ ଖଣ୍ଡ ଭୋଟ୍ ପାଇଥିବାବେଳେ ବିଜେଡ଼ିର ନବୀନ ନାୟକଙ୍କୁ ମିଳିଥିଲା ୫୯୭୯୭ ଭୋଟ୍। ୨୦୧୯ରେ ନିତ୍ୟାନନ୍ଦ ୩୯% ଭୋଟ୍ ପାଇ ଜିତିଥିବାବେଳେ ୨୦୨୪ରେ ୪୩%ରୁ ଅଧିକ ଭୋଟ୍ ପାଇଛନ୍ତି। ଏବେ ବିଜେଡ଼ି ଓ କଂଗ୍ରେସ ଉମରକୋଟରେ ସ୍ଥାଣୁ ଅବସ୍ଥାରେ ଥିବାବେଳେ ନିତ୍ୟାନନ୍ଦଙ୍କର ସରକାରରେ ବି ପାୱାର ବଢ଼ିଛି। ବିଜେଡ଼ି ଓ କଂଗ୍ରେସର ଅନେକ ନେତା ନିତ୍ୟାନନ୍ଦଙ୍କ ସହ ହାତ ମିଳାଇ ସାରିଛନ୍ତି। ଫଳରେ ଆଜିକା ଦିନରେ ଉମରକୋଟରେ ନିତ୍ୟାନନ୍ଦଙ୍କ ଭୋଟ୍ ୫୦% ଟପିସାରିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ବି ତାହାର ଝଲକ ଦେଖିବାକୁ ମିଳିବ ବୋଲି ତାଙ୍କ ସମର୍ଥକମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# କିଏ ଧରିବେ ଜଗତସିଂହପୁର ମ୍ୟୁନିସପାଲଟି ମଙ୍ଗ ?

**ଜଗତସିଂହପୁରରୁ ଅଶ୍ୱିନୀ ପଟ୍ଟନାୟକ**

୨୦୨୭ରୁ ରାଜ୍ୟ ରାଜନୀତି ଉଷ୍ମ ରହିବା ନିଶ୍ଚିତ। ପଞ୍ଚାୟତ ନିର୍ବାଚନ ପରେପରେ ପୌର ନିର୍ବାଚନ ହେବାର ରହିଛି। ଏହାପରେ ସାଧାରଣ ନିର୍ବାଚନ ପାଇଁ ଆରମ୍ଭ ହୋଇଯିବ ପ୍ରସ୍ତୁତି। ଜିଲ୍ଲାରେ ଜଗତସିଂହପୁର ମ୍ୟୁନିସପାଲଟି ଓ ପାରାଦୀପ ମ୍ୟୁନିସପାଲଟି ଉପରେ ସମସ୍ତଙ୍କ ନଜର ରହିଥାଏ। ଗତ ପୌର ନିର୍ବାଚନରେ ଜଗତସିଂହପୁର ମ୍ୟୁନିସପାଲଟି କଂଗ୍ରେସ ହାତକୁ ଯାଇଥିଲା। ସେପଟେ ପାରାଦୀପଟି ବିଜେଡ଼ି ହାତରେ ରହିଥିଲା।







ଜଗତସିଂହପୁର ମ୍ୟୁନିସପାଲଟି ନିର୍ବାଚନରେ ବାଜିମାତ୍ କରିଥିଲେ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ସିଂ। ବିଜେଡ଼ି ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ରଙ୍କୁ ସେ ୨୨୦ ଭୋଟରେ ହରାଇଥିଲେ। ଅର୍ଚ୍ଚନାଙ୍କୁ ୯୪୬୮ ଖଣ୍ଡ ଭୋଟ୍ ମିଳିଥିବାବେଳେ ରାଜଶ୍ରୀଙ୍କୁ ୯୨୪୮ ଓ ବିଜେପିକୁ ୧୪୪୭ ଖଣ୍ଡ ଭୋଟ୍ ମିଳିଥିଲା। ଅପରପକ୍ଷରେ ବିଜେଡ଼ିରୁ ୯, କଂଗ୍ରେସରୁ ୭, ବିଜେପିରୁ ୨ ଓ ସ୍ୱାଧୀନ ଭାବେ ୩ କାଉନସିଲର ଜିଣିଥିଲେ। ଏବେ କିନ୍ତୁ ରାଜନୀତି ବଦଳିଯାଇଛି। ଅର୍ଚ୍ଚନାଙ୍କ ବିଜୟରେ ଚିରଞ୍ଜୀବ ବିଶ୍ୱାଳଙ୍କ ବହୁତବଡ଼ ଭୂମିକା ରହିଥିଲା। ପରିବର୍ତ୍ତିତ ରାଜନୀତିରେ ସେ ଏବେ ବିଜେଡ଼ିରେ ସାମିଲ୍ ହୋଇଛନ୍ତି। ଗତ ନିର୍ବାଚନରେ ବି ତାଙ୍କୁ ବିଜେଡ଼ି ଟିକେଟ୍ ଦେଇନଥିଲା। ସେପଟେ ବିଜେଡ଼ି ଟିକେଟରେ ଲଢ଼ିଥିବା ପ୍ରଶାନ୍ତ ମୁଦୁଲି ଜଗତସିଂହପୁର ଅପେକ୍ଷା ବାଲିକୁଦା-ଏରସମା ଉପରେ ବେଶୀ ଧ୍ୟାନ ଦେଉଛନ୍ତି। ଚିରଞ୍ଜୀବ ବିଜେଡ଼ିକୁ ଯିବାପରେ କଂଗ୍ରେସର ସ୍ଥିତି ଟଳମଳ ହୋଇଯାଇଛି। ଏବେ ରାଜ୍ୟରେ ବିଜେପି ସରକାରକୁ ଆସିଥିବାରୁ ବିଜେପିର କ୍ରେଜ୍ ବଢ଼ିବା ନିଶ୍ଚିତ। ଗତ ନିର୍ବାଚନରେ ତିନି ନମ୍ବର ସ୍ଥାନରେ ଥିବା ବିଜେପି ଏଥର କଡ଼ା ଟକ୍କର ଦେବ। ଆଗାମୀ ପୌର ନିର୍ବାଚନରେ ଜଗତସିଂହପୁରରେ ବିଜେଡ଼ି ଓ ବିଜେପି ମଧ୍ୟରେ ହିଁ ଲଢ଼େଇ ଦେଖିବାକୁ ମିଳିବ।

ବିଜେଡ଼ିରୁ ଗତଥର ମ୍ୟୁନିସପାଲଟି ଚେୟାରମ୍ୟାନ ପ୍ରାର୍ଥୀ ଥିବା ରାଜଶ୍ରୀ ମହାପାତ୍ରଙ୍କ ସ୍ୱାମୀ ସତ୍ୟବ୍ରତ ମହାପାତ୍ର ଲଢ଼େଇ କରିବେ ବୋଲି ଶୁଣିବାକୁ ମିଳୁଛି। ସେ ବି ନଗର ବିଜେଡ଼ିର ପ୍ରମୁଖ ନେତା ଭାବେ ପରିଗଣିତ ହେଉଛନ୍ତି। ତାଙ୍କର ଭଲ ସଂଗଠନ ଥିବାବେଳେ ଚିରଞ୍ଜୀବ ଟିକେ ପରିଶ୍ରମ କରିଦେଲେ ବିଜେଡ଼ି ଜିତିବାର ସମ୍ଭାବନା ଅଛି। ସେପଟେ ଶାସକ ଦଳ ପାଖରେ ବିଜୟର ସୁଯୋଗ ଥିଲେବି ଗୋଷ୍ଠୀକନ୍ଦଳ କାଳ ହେବବୋଲି କୁହାଯାଉଛି। ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ଓ ବିଧାୟକ ଅମରେନ୍ଦ୍ର ଦାସଙ୍କ ମଧ୍ୟରେ ସୁସମ୍ପର୍କ ନାହିଁ। ସେହିପରି ଟାଣୁଆ ନେତା ସତ୍ୟବ୍ରତ ମହାପାତ୍ରଙ୍କୁ ଗୋଟିଏ ଗୋଷ୍ଠୀ କୋଣଠେସା କରିବାକୁ ଉଦ୍ୟମ କରୁଛନ୍ତି। ପୂର୍ବରୁ ସେ ଜଗତସିଂହପୁର ଏନଏସିର ସଭାପତି ଥିବାରୁ ସତ୍ୟବ୍ରତ ନିଜେ ମଇଦାନକୁ ଓହ୍ଲାଇ ପାରନ୍ତି। ସେହିପରି ବିଧାୟକ ଅମରେନ୍ଦ୍ର ଦାସ ପୂର୍ବତନ କାଉନସିଲର ସୁଶାନ୍ତ ସ୍ୱାଇଁଙ୍କୁ ପ୍ରାର୍ଥୀ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏସବୁ ଭିତରେ କଂଗ୍ରେସ ବର୍ତ୍ତମାନର ଅଧକ୍ଷା ଅର୍ଚ୍ଚନା ସିଂଙ୍କୁ ହିଁ ମଇଦାନକୁ ଓହ୍ଲାଇବ ବୋଲି କୁହାଯାଉଛି। ଲଢ଼େଇ ବିଜେଡ଼ି ଓ ବିଜେପି ମଧ୍ୟରେ ହେଉଥିବାବେଳେ ଗୋଷ୍ଠୀକନ୍ଦଳ ହିଁ ଦୁଇ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

## ମହାମୂର୍ଖ ଉବାଚ



ଡ଼ଃ କୁଳାଙ୍ଗାର

# କହେ କଙ୍କାଳ...

କହ କଙ୍କାଳ କାହା ଷଡ଼ଯନ୍ତ୍ରେ
ଉଠିଲୁ ତୁ ଗାତ ଖୋଳି;
ବିରୋଧୀ ହସନ୍ତି ଲେଖନ୍ତି ଭାଷନ୍ତି
ତୋ ଜ୍ଞାତି କୁଟୁମ୍ବ ଭଳି!
ବ୍ୟାଙ୍କ ନିୟମ ଦଳି,
କେମିତି ଦିଅନ୍ତା ତୋ ଟଙ୍କାକୁ
କିଏ ଟିପିଚିହ୍ନ ଦେଲେ ଢାଳି?

କଙ୍କାଳ ପଚାରେ ଆରେ ମହାମୂର୍ଖ
କହ କହ ତୁ ମୋତେ;
କ୍ଷମତା କି ପ୍ରତିପତ୍ତି-ଶାଳୀ କେହି
ଯଦି ଯାଇଥାନ୍ତା ସାଥେ!
ବ୍ୟାଙ୍କ ବାବୁ କି ସତେ,
ଘଉଡାଇଥାନ୍ତା ତାକୁ ଏଇମିତି
କହି ଯା ଆଣିବୁ ମୋତେ?

ତମେ ଶିଖେଇଛ ମାଗଣାରେ
ସବୁ ମିଳିବ ଏଠାରେ ମୋତେ;
ହାତ ପାହାନ୍ତାରେ ସବୁ ଯୋଗେଇବ
କିଆଁ ମୁଁ ଖଟିବି ଏତେ!
ସବୁ ମିଳିଯାଏ ହାତେ,
ସବୁପାଇଁ ଯଦି ତମେ ନାଆଁ ନିଅ
ଏବେ କିଆଁ ନିନ୍ଦ ମୋତେ?

କାହିଁକି ଚାଲିଲୁ କଙ୍କାଳ କହ
କାନ୍ଧରେ ହୋଇ ବୁହା;
କାହା ପାଇଁ ହେଲୁ ବଡ଼ ଉଶ୍ୱାସ
କା ପାଇଁ ଶାବଳ ଲୁହା!
ଇଜ୍ଜତକୁ କଲୁ ସ୍ୱାହା,
କହି ହେଉନାଇଁ ତୋର ଆବିର୍ଭାବ
ଜାଳିଅଛି ଯାହାଯାହା!

କହେ କଙ୍କାଳ କାହାର ନୁହେଁ ମୁଁ
ଭୁଲି ଯାଇଅଛ ବୋଧେ;
ଏବେ ମୁଁ ଶୃଙ୍ଖଳା ଆଗେ ଥିଲି କଞ୍ଚା
ଦିନେ ଦାନ ମଝି କାନ୍ଧେ!
କିଏ ରାଗେ କିଏ ଶୋଧେ,
ଯିଏ ଯା ବାଟରେ ମୋ ବିକଳପଣୁ
ଫାଇଦା-ଗଣ୍ଠିଲି ବାନ୍ଧେ!!

କହୁଛନ୍ତି ଯେତେ ମହାଜ୍ଞାନୀ
ଅଛି ବ୍ୟାଙ୍କ ନିୟମ ବୋଲି;
ସେଇମାନେ ପାଖ ତହସିଲ-
ଆଡେ ଯାଆନ୍ତୁ ଟିକିଏ ବୁଲି!
ବାଟଘାଟ ଯିବେ ଭୁଲି,
ଅନ୍ଲାଇନି ଓ ଇନକ୍ୟୁଆରି
ଶୁଣେଇ କହୁଥିବେ କାଲିକାଲି!

ଓଡ଼ିଆ ଜାତିର ହେ ଭାଗ୍ୟ ବିଧାତା
ଶୁଣ ଶିଖ କଙ୍କାଳଠୁ;
ଆତ୍ମନିର୍ଭର କାର୍ଯ୍ୟକ୍ରମ ହେଉ
ମାଗଣା ସୁବିଧା ଉଠୁ!
ପୁରୁଣା ପାଠଟି ହଟୁ,
ମହାମୂର୍ଖ କହେ ଖଟିକି ଖାଇବି
କହି କଙ୍କାଳ ଗାତର ଭିତରୁ ଉଠୁ!

# ବଙ୍ଗ ଫଳ ଓ ଓଡ଼ିଶା ରାଜନୀତି

ଏବେ ବିଜେପି ଦଖଲରେ ଅଙ୍ଗ, ବଙ୍ଗ ଓ କଳିଙ୍ଗ । ପୂର୍ବ ଭାରତକୁ ବିଜେପି ଦଖଲ କରିସାରିଛି । ବଙ୍ଗ ଫଳ ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିବା ନିଶ୍ଚିତ ହୋଇଯାଇଛି । ଏମିତିବି ଓଡ଼ିଶାର ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ବି ଏନଡ଼ିଏ ସରକାର ରହିଛି । ଆମ ରାଜ୍ୟର ଚାରିପଟେ ବିଜେପି ଶାସିତ ରାଜ୍ୟ ଥିବାରୁ ଓଡ଼ିଶାରେ ବି ବିଜେପି ପୂର୍ବାପେକ୍ଷା ମଜବୁତ୍ ହେବବୋଲି କୁହାଯାଇପାରେ ।

ଏବେ ଆସିବା ଓଡ଼ିଶା ଆଡକୁ । ଓଡ଼ିଶାରେ ଯେଉଁ ସ୍ଥିତି ଥିଲା, ପଶ୍ଚିମବଙ୍ଗରେ ବି ସେଇ ସ୍ଥିତି ରହିଥିଲା । ତେବେ ଓଡ଼ିଶାରେ ବିଜୁ ଜନତା ଦଳ ଓ ପଶ୍ଚିମବଙ୍ଗରେ ଟିଏମସି, ଓଡ଼ିଶାର ନବୀନ ପଟ୍ଟନାୟକ ଓ ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ମଧ୍ୟରେ ଗୋଟିଏ ପ୍ରଭେଦ ଥିଲା । ବିଜେଡ଼ି ଓ ନବୀନ ବିଜେପି ସହ ନିଘନ ସମ୍ପର୍କ ରଖିଥିବାବେଳେ ଟିଏମସି ଓ ମମତା ବିଜେପି ଏବଂ ମୋଦି ସରକାରଙ୍କ ବିରୋଧରେ ଯୁଦ୍ଧଂଦେହୀ ଡାକରା ଦେଇଥିଲେ । ଅତଏବ ବିଜେଡ଼ିର ବିଜେପି ସହ ପ୍ରେମ ସମ୍ପର୍କ ଥିବାବେଳେ ଟିଏମସି କିନ୍ତୁ ବିଜେପିକୁ ଘୃଣା କରୁଥିଲା । ତେବେ ରାଜନୀତିର ରଣାଙ୍ଗନରେ ବିଜେପି ଦୁଇ ଦଳକୁ ହରାଇ ଦୁଇ ରାଜ୍ୟ ଦଖଲ କରିସାରିଛି । ବଙ୍ଗରେ ମମତା ତାଙ୍କ ଦଳର କ୍ୟାଡ଼ରକୁ ନେଇ ବେଶ୍ ଅହଙ୍କାର ରଖିଥିଲେ । କିନ୍ତୁ ବିଜେପିର ନିର୍ବାଚନୀ ରଣନୀତି ଆଗରେ ମମତାଙ୍କ କ୍ୟାଡ଼ର ରଣନୀତି କିଛି କାମ କରିନଥିଲା । ସେହିପରି ଟିଏମସିର କ୍ୟାଡ଼ରମାନେ ହିଁ ମମତାଙ୍କ ରାଜନୀତିର କବର ଖୋଳିଥିଲେ । ଦିଦିଙ୍କ ଲୋକପ୍ରିୟତା ଆଧାରରେ ବାରବାର ଜିତୁଥିବାରୁ ଏହି କ୍ୟାଡ଼ରମାନେ ହିଁ ନିଜ ନିଜ ଅଞ୍ଚଳରେ ହିଂସାକାଣ୍ଡ ଭିଆଇବା, ଡରାଇବା, ଧମକ ଦେବା, ଚାନ୍ଦା ଆଦାୟରେ ଲିପ୍ତ ରହିଥିଲେ । ଏଠାରେ ମନେ ପକାଇ ଦେବାକୁ ଚାହୁଁଯେ, ୨୦୧୯ରୁ ୨୦୨୪ କାଳଖଣ୍ଡରେ ଗାଁ ଗାଁରେ ବିଜେଡ଼ି ନେତାମାନେ ଦଳର ସଂଗଠନ ପ୍ରତି ବେଶୀ ଧ୍ୟାନନଦେଇ ଠିକାଦାରୀ କାମ ଉପରେ ଫୋକସ କରିଥିଲେ । ଅବଶ୍ୟ ନବୀନ ବାବୁ ଗୁଣ୍ଡାଗର୍ଦ୍ଦିର ଘୋର ବିରୋଧୀ ଥିବାରୁ ବିଜେଡ଼ି ନେତା ସେଦିଗରେ ଚିନ୍ତା ହିଁ କରୁନଥିଲେ । କିନ୍ତୁ ସଂଗଠନ ପଛ, ଠନଠନ ଆଗ ନୀତିରେ ଚାଲିବାରୁ ବିଜେଡ଼ିକୁ ବଡ଼ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ଏଥିରୁ ଗୋଟିଏ ଶିକ୍ଷା ମିଳିଛି, ବିରୋଧୀ ଦଳଗୁଡ଼ିକ ଯଦି ଲୋକଙ୍କ ସହ ରହିବେ ତେବେ ବିଜୟ ସମ୍ଭାବନା ବୃଦ୍ଧି ପାଇଥାଏ । ଶାସନର ଅହଙ୍କାର ଦେଖାଇଲେ ଲୋକେ ହିଁ ତାହାର ଜବାବ ଦିଅନ୍ତି । ଅତୀତରେ ଓଡ଼ିଶାରେ ଦେଖିବାକୁ ମିଳିଥିଲା ଆଉ ଏବେ ବଙ୍ଗରେ ଦେଖିବାକୁ ମିଳୁଛି ।



ଏବେ ଆସିବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ । ବିଜେପି ଯେଉଁଠାରେ ଶାସନ କରେ ଏକାଧିକ ବାର କ୍ଷମତାକୁ ଆସେ । ଯେଉଁସବୁ ରାଜ୍ୟରେ ବିଜେପି ସରକାରକୁ ଆସିଛି, ସେଠାକାର ରାଜନୀତିକୁ ଅନୁଶୀଳନ କଲେ ଆପଣ ଏହାର ଉତ୍ତର ପାଇଯିବେ । କାହିଁକିନା ବିଜେପି କାର୍ଯ୍ୟକର୍ତ୍ତାମାନଙ୍କୁ ଦଳ ସବୁବେଳେ ଚେକ୍ ଦେଇଥାଏ । କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଦଳର ଟିକେ କ୍ଷତି ହେବାର ଆଶଙ୍କା ରହିଲେ ଦଳ ତାଙ୍କୁ ନିଲମ୍ବନ କରିଦିଏ । ସେହିପରି ସଂଘର ହଜାର ହଜାର କାର୍ଯ୍ୟକର୍ତ୍ତା ତୃଣମୂଳସ୍ତରରେ ସାଇଲେଣ୍ଟ ୱାରିୟର ବା ନୀରବ ସୈନିକ ଭଳି ତାଙ୍କ କାମ ଜାରି ରଖିଥା'ନ୍ତି । ଯାହାକି ବିଜେପିକୁ ବୁଥସ୍ତରରେ ମଜବୁତ୍ କରିଥାଏ । ଏବେବି ଓଡ଼ିଶାରେ ବିଜେପି କାର୍ଯ୍ୟକର୍ତ୍ତା, ବିସ୍ତାରକମାନେ ସଂଘର ବିସ୍ତାରକ ଓ ପ୍ରଚାରକମାନଙ୍କ ସହଯୋଗରେ ଭିତରେ ଭିତରେ ଗୋଟି ଚଳାଇ ଚାଲିଛନ୍ତି ।

ତୃତୀୟ ତଥା ମହତ୍ତ୍ୱପୂର୍ଣ୍ଣ ଦିଗଟି ହେଉଛି, ବିଜେପି ଏକ କ୍ୟାଡ଼ର ଭିତ୍ତିକ ଦଳ । ପୁଣି ଦଳ କୌଣସି ଜଣେ ବ୍ୟକ୍ତି ଜରିଆରେ ପରିଚାଳିତ ନୁହେଁ । କୌଣସି ନେତାଙ୍କ ମନମାନି ଦଳ ଗ୍ରହଣ କରିପାରେନା । କିନ୍ତୁ ଓଡ଼ିଶାରେ ନବୀନ ଓ ପଶ୍ଚିମବଙ୍ଗରେ ମମତା ହିଁ ନିଜ ଦଳର ସବୁକିଛି । ଉଭୟଙ୍କ ବୟସ ହୋଇଗଲାଣି, ଏକଥା ସ୍ୱୀକାର କରିବାକୁ ପଡ଼ିବ । ବିଜେଡ଼ିରୁ ନବୀନ ଓ ଟିଏମସିରୁ ମମତା ବ୍ରାଣ୍ଡ ଦୁର୍ବଳ ହୋଇଗଲେ ଭୋଟ୍ ହାର ବି ୫ରୁ ୧୦% କମିଯିବ । ଏଭଳି କ୍ଷେତ୍ରରେ ବିଜେପିକୁ ଟକ୍କର ଦେବା ନିଶ୍ଚିତ ଭାବେ ଆହ୍ୱାନ ସୃଷ୍ଟିକରିବ । ମୋଦିଙ୍କ ପରେ ବିଜେପି କେମିତି ଆଗକୁ ଯିବ ସେନେଇ ବିଜେପି ଗତ ପାଞ୍ଚବର୍ଷ ଧରି ରଣନୀତି କରିଆସୁଛି । ନୂଆ ଯୁବ ଚେହେରାଙ୍କୁ ଆଗକୁ ଅଣାଯାଉଛି । ଦଳ ଗଦାଗଦା ଦ୍ୱିତୀୟ ପୀଢ଼ିର ନେତା ସୃଷ୍ଟି କରୁଛି । କିନ୍ତୁ ବିଜେଡ଼ି କି ଟିଏମସି ଭଳି ଆଞ୍ଚଳିକ ଦଳରେ ଦଳର ଉତ୍ତରାଧିକାରୀକୁ ନେଇ ସେଭଳି ଯୋଜନା କରାଯାଉନାହିଁ । ଏଦିଗରେ ଯଦି ବିଜେଡ଼ି ଓ ଟିଏମସି ଯତ୍ନବାନ ନହେବେ ତେବେ କାଲିକି କାଲି ବିଜେପିକୁ ହରାଇବା ଅସମ୍ଭବ ହୋଇପଡ଼ିବ ।

# ମୁଣ୍ଡ ଟିଣ କରିଦେଲେ ବର୍ଷା



ଆଜ୍ଞା ବିଧାନସଭାରେ ମହିଳାଙ୍କ ହକ୍ ପାଇଁ ଲଢ଼େଇ ବେଳେ ଶାସକ ଓ ବିରୋଧୀ ଗୋହି ଖୋଲାଖୋଲି ହେଲେ। କାଦୁଅ ଫିଙ୍ଗାଫିଙ୍ଗି ହେଲେ। ହେଲେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ବି ଜାଗା ଦେଖିକି ବିଜେପିକୁ ଖୋବି ଦେଇଗଲେ। ମନ୍ତ୍ରୀ ସୂରଜ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ମହାନୁଭବତା କଥା କହିବା ବେଳେ ବର୍ଷା ମ୍ୟାଡ଼ାମ ମୋଦିଙ୍କ ପତ୍ନୀଙ୍କ କଥା କହି ପାଲଟା ଆକ୍ରମଣ କରିଦେଲେ। କଥା ସେତିକିରେ ସରିଲାନି। ଜମି କଥା କହି ଏମିତି ପ୍ରଶ୍ନଟେ ପଚାରିଲେ, ସମସ୍ତଙ୍କ ମୁଣ୍ଡ ଟିଣ ହୋଇଗଲା । ବର୍ଷା କହିଲେ, ମୁଁ ମୋ ବାପାଙ୍କ ପାଖକୁ ଯଦି ଜମିରୁ ଭାଗ ନେବାକୁ ଯିବି, ଆଉ ବାପା ମୋତେ କହିବେ, ତୋତେ ବର୍ତ୍ତମାନ ମୋ ପାଖରେ ଥିବା ଜମିରୁ ଭାଗ ଦେବିନି । ମୁଁ ଆଉ ଗୋଟେ ଜମି କିଣିବି । ସେଥିରୁ ତୋତେ ୩୩% ଭାଗ ଦେବି । ବାକି ତୋ ଭାଇକୁ ଦେବି । ସେ କଥାଟି ଯେମିତି, ଏବେ ମହିଳା ସଂରକ୍ଷଣ ସଂଶୋଧିତ ବିଲ୍ କଥାଟି ବି ସେମିତି । ବର୍ଷାଙ୍କ ଏକଥାର ଉତ୍ତର କିନ୍ତୁ କାହା ପାଖେ ନଥିଲା ।

# ତାତିଛନ୍ତି ଟଙ୍କଧର



ଆଜ୍ଞା, ଆଜିକାଲି ତତଲା କଡ଼େଇରେ ଭାଜି ହେଉଛି ଝାରସୁଗୁଡ଼ା । ଏତେ ତାତିଯେ, ତତଲାଗଡ଼ ମାନେ ଟିଟିଲାଗଡ଼ ବି ପଛରେ ପଡ଼ିଗଲାଣି । ମାଟି ସହ ତାଳ ଦେଇ ନେତା ବି ତାତିଲେଣି । ଆମେ କହୁଛୁ ଝାରସୁଗୁଡ଼ା ମଣି ଟଙ୍କଧର ବାବୁଙ୍କ କଥା । ଦେଖିବାକୁ ସେ ଭାରି ନରମ ଆଉ କୋମଳ । ହେଲେ ଆଜ୍ଞା କଥାଗୁଡ଼ା ପୂରା ଟାଆଁସିଆ ଆଉ ନିଆଁ ଝୁଲ । ବିଧାନସଭାରେ ବିଜେଡ଼ି ବାଲାଙ୍କୁ କାଟିବାରେ ତାଙ୍କର ଭାରି ଆନନ୍ଦ । ହେଲେ ସେ ନିଜ ଦଳ ନେତାଙ୍କୁ ବି ଭଲକି ସର୍ଫମାରି ଧୋଇପାରନ୍ତି, ଏକଥା ଅନେକ ଜାଣିନଥିଲେ । କିନ୍ତୁ ଏଇ ନିକଟରେ ଝାରସୁଗୁଡ଼ାରେ ଗୋଟେ ବଡ଼ ମିଟିଂ ହେଲା । ନୂଆ କରି ଟଙ୍କବାବୁ ଡିପିସି ଅଧ୍ୟକ୍ଷ ହୋଇଛନ୍ତି । ହେଲେ ଚେୟାର ଉପରେ ସେ ଜଣେ । ଆଉ କାହାର ଦେଖାଦର୍ଶନ ନାହିଁ । ଦେଖିଲାବେଳକୁ ସୁରେଶ ଦା' ନିଜେ ନଆସି ପ୍ରତିନିଧିଙ୍କୁ ପଠାଇ ଦେଇଛନ୍ତି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବି ସୁରେଶଙ୍କ ଭଳି ପ୍ରତିନିଧିଙ୍କୁ ପଠାଇଥିଲେ । ଯେତେବେଳେ ମନ୍ତ୍ରୀ ଓ ସାଂସଦ ଆସିବାର ନାହିଁ, ଜିଲ୍ଲାପାଳ କାଇଁ ଆଉ ଶୁଖିଲାରେ ଟଙ୍କବାବୁଙ୍କୁ ଖାତିର କରିବେ ? ସେ ବି ତାଙ୍କର ପ୍ରତିନିଧିଙ୍କୁ ପଠାଇ ଦେଇଥିଲେ । ଏମିତି ବିଚିତ୍ର ଦୃଶ୍ୟ ଦେଖି ଟଙ୍କ ଫାୟାର ହୋଇଗଲେ । ସିଧାସିଧା ମାଇକରେ ଝାଡ଼ିଲେ । କହିଲେ, ଯଦି ସୁବିଧା ଥାଆନ୍ତା ବିଧାନସଭା ଓ ସଂସଦକୁ ବି ଏ ପ୍ରତିନିଧି ପଠାଇ ଦିଅନ୍ତେ । ଆଉ ଯଦି ତଳିଆ ଅଫିସରଙ୍କ ଜିଲ୍ଲାପାଳଙ୍କ ଭଳି ପାୱାର ଥାଆନ୍ତା ତେବେ ବିଏଲଓ, ଜେଇବି ନିଜ ନିଜ ପ୍ରତିନିଧି ପଠାଇଥାଆନ୍ତେ । ଦେଖାଯାଉ ଆଗାମୀ ବୈଠକରେ ମନ୍ତ୍ରୀ, ସାଂସଦ, ଜିଲ୍ଲାପାଳ ଯୋଗ ଦେଉଛନ୍ତି ନା ଟଙ୍କବାବୁ ତାଙ୍କର ପ୍ରତିନିଧି ପଠାଇ ପ୍ରତିବାଦ କରୁଛନ୍ତି ।

# ଏକା ପଡ଼ିଗଲେ ଜୟନ୍ତ

ପୁରୀର ପୂର୍ବତନ ବିଧାୟକ ତଥା ବିଜେପି ନେତା ଜୟନ୍ତ ଷଡ଼ଙ୍ଗୀଙ୍କର ବେଳକାଳ ଏବେ ଭଲ ନାହିଁ। ତାଙ୍କୁ ଏବେ ନିତିଦିନ ସଂଘର୍ଷ କରିବାକୁ ପଡୁଛି । ଗୋଟିଏ ପଟେ ବିଜେଡ଼ି ସହ ମୁକାବିଲା କରିବାକୁ ପଡୁଥିବାବେଳେ ଅପରପକ୍ଷରେ ଦଳ ଭିତରେ ବି ତାଙ୍କ ପାଇଁ ପ୍ରତିକୂଳ ସ୍ଥିତି ସୃଷ୍ଟିହୋଇଛି । ୨୦୧୯ ରେ ସେ ରାଜନୈତିକ ଗୁରୁ ମହେଶ୍ୱର ମହାନ୍ତିଙ୍କ ବିଜୟ ରଥକୁ ଅଟକାଇ ଚର୍ଚ୍ଚା ସୃଷ୍ଟି କରିଥିଲେ । ୧୯୯୫ରୁ ପୁରୀରୁ ଲଗାତର ୫ ଥର ଜିତିଥିବା ମହେଶ୍ୱରଙ୍କୁ ହରାଇବା ଏତେ ସହଜ ନଥିଲା । ଯେଉଁଥିପାଇଁ ୨୦୨୪ରେ ସେ ପୁଣି ଥରେ ଜିତିବାକୁ ଆଶା ରଖିଥିଲେ । ହେଲେ ମହେଶ୍ୱରଙ୍କ ପୁଅ ସୁନୀଲଙ୍କ ଠାରୁ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ଅବଶ୍ୟ ଜୟନ୍ତଙ୍କ ପରାଜୟ ପାଇଁ କଂଗ୍ରେସ ନେତା ଉମା ବଲ୍ଲଭ ରଥଙ୍କୁ ବି ଦାୟୀ କଲେ ଭୁଲ୍ ହେବନାହିଁ। ୨୦୧୯ ରେ କଂଗ୍ରେସ ପୁରୀରେ ମାତ୍ର ୩ ହଜାର ଭୋଟ୍ ପାଇଥିବାବେଳେ ୨୦୨୪ରେ କିନ୍ତୁ ଉମାଙ୍କୁ ୧୩ ହଜାରରୁ ଅଧିକ ଭୋଟ୍ ମିଳିଥିଲା। ଉମା ଭଲ ଭୋଟ୍ ଭିଡ଼ିବାରୁ ଜୟନ୍ତ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଏ। ତେବେ ୨୦୨୪ରେ ଦଳ ସରକାରକୁ ଆସିଥିବାରୁ ଜୟନ୍ତ ଫାଇଦା ନେବେବୋଲି ଆଶା କରିଥିଲେ। କିନ୍ତୁ ନିର୍ବାଚନର କିଛିଦିନ ପରେ ସାଂସଦ ସମ୍ବିତ ପାତ୍ର ତାଙ୍କୁ ଅଣଦେଖା କରିବା ଆରମ୍ଭ କରିଥିଲେ। ସେପଟେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ବି ତାଙ୍କର ଭଲ ସମ୍ପର୍କ ରହିଲା ନାହିଁ। ବରଂ ବିଜେଡ଼ି ବିଧାୟକ ହୋଇଥିଲେବି ସୁନୀଲଙ୍କର ପ୍ରଭାତୀ ଓ ସମ୍ବିତ୍‌ଙ୍କ ସହ ଭଲ ସମ୍ପର୍କ ଥିବା ଚର୍ଚ୍ଚା ହେଉଛି। ସବୁଆଡ଼ୁ ଚକ୍ରବ୍ୟୁହରେ ଛନ୍ଦି ହୋଇଥିବା ଜୟନ୍ତ ଏବେ ନିଜର ବ୍ୟକ୍ତିଗତ ସଂଗଠନ ହିଁ ବଢ଼ାଇବାରେ ଲାଗିଛନ୍ତି । ଅବଶ୍ୟ ନିକଟରେ ନିମାପଡ଼ାରେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ସମୀର ରଞ୍ଜନ ଦାସଙ୍କ ବୈଠକମାନଙ୍କରେ ମରାଯାଉଥିବା ପୋଷ୍ଟରରେ ଜୟନ୍ତଙ୍କ ଫଟୋ ରହିବା ଘଟଣାକୁ ହାଲକାରେ ନେଇହେବନାହିଁ। ଉଭୟ ମିଶି ଭିତରେ ଭିତରେ ଗୋଟି ଚଳାଉଥିବା କୁହାଯାଉଛି ।



# ହେମଦସ୍ତା ଖାଲି, କିନ୍ତୁ କୁଟି ଚାଲିଲେ

ଆଜ୍ଞା କଥାକ'ଣକି, ଏବେ ବିଧାନସଭାରେ 'ମହିଳା' କଳି ଅଧିବେଶନ ଡକାଯାଇଥିଲା । ମହିଳାଙ୍କ ପାଇଁ କିଏ କେତେ କାନ୍ଦିପାରେ, କାହା ରୁମାଲ୍ କେତେ ଓଦା ହୋଇଛି ଏସବୁ ବିଷୟରେ ଶାସକ-ବିରୋଧୀ ଛେଚାକୁଟା କଲେ। ଏ ଛେଚାଛେଚିର ଫଳ କିନ୍ତୁ ଶୂନ। କାହିଁକିନା, ହେମଦସ୍ତାଟା ପୂରା ଖାଲି। ତା' ଭିତରେ ଅଦା, ରସୁଣ, ଲଙ୍କା କି ଜିରା କିଛି ବି ନାହିଁ। ବିଚରା ପୁଆ ଖାଲିଟାରେ ପିଟିହୋଇ କାନ ଅତଡ଼ା ପକାଇବା ସାର ହେଲା । ଏକଥା କହିବାର ମାନେ ହେଉଛି, ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ କାଟ୍ ଖାଇଯାଇଛି। ବିଧାନସଭାରେ ଶୁଖିଲାରେ ଛେଚିକୁଟି ହେଲେ କିଛି ଲାଭ ହିଁ ନାହିଁ ବୋଲି ସମସ୍ତେ ଜାଣିଛନ୍ତି। ଯାହାହେବ ସେଇ ସଂସଦରେ ହିଁ ହେବ। ତଥାପିବି କେନ୍ଦ୍ର କହିଛି ବୋଲି ବିଜେପି ରାଜ୍ୟମାନଙ୍କରେ ଏମିତି ବାଦିପାଲା ଦେଖିବାକୁ ମିଳିଛି ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS